## ସଂକ୍ଷେପରେ

### ପୋଲିସ କବ୍‌ଜାରେ ୩ଜଣିଆ ଚୋର ଗ୍ୟାଙ୍ଗ

**ବ୍ରହ୍ମପୁର ଅଫିସ,୧୭।୪:** ବ୍ରହ୍ମପୁର ସହରରେ ଗତ କିଛିମାସ ମଧ୍ୟରେ ବିଭିନ୍ନ ଥାନା ଅଞ୍ଚଳରେ ଚୋରି ଓ ଲୁଟ ଘଟଣା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇ ପଡ଼ିଥିଲା। ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଏହି ଗ୍ୟାଙ୍ଗର ୩ଜଣ ସଦସ୍ୟଙ୍କୁ କାବୁ କରିଛି। ସେମାନଙ୍କୁ ଜେରା ବେଳେ ବିଭିନ୍ନ ଅଞ୍ଚଳରେ ସେମାନେ ଚୋରି କରିଥିବା ପୋଲିସକୁ କହିଛନ୍ତି। ତେବେ ତଦନ୍ତରେ ବାଧା ଦୃଷ୍ଟିରୁ ଅଭିଯୁକ୍ତଙ୍କ ପରିଚୟ ଦେବା ପାଇଁ ଜଣେ ବରିଷ୍ଠ ପୋଲିସ ଅଧିକାରୀ ମନା କରିଛନ୍ତି। ଥାନାରେ ଅଟକ ଥିବା ଚୋରଙ୍କ ବୟାନକୁ ଆଧାର କରି ପୋଲିସ ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଖୁବଶୀଘ୍ର ଏହାର ଖୁଲାସା କରାଯିବ ବୋଲି ପୋଲିସ ଅଧିକାରୀ ଜଣକ କହିଛନ୍ତି। ଅଟକ ଥିବା ଚୋରମାନଙ୍କଠାରୁ ସୁନା ଗହଣା ଜବତ କରାଯାଇଥିବା ସୂଚନା ମିଳିଛି।

### ସନ୍ଦେହଘେରରେ ଯୁବତୀଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ, ୧୭।୪- କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ସଲାଗୁଡା ପଞ୍ଚାୟତ ପାଣ୍ଡୁପଦର ଗ୍ରାମର ଜଣେ ଯୁବତୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ବନୀତା ଦିଗାଲ(୧୯)। ବିଷକ୍ରିୟା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିଲେ ମଧ୍ୟ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ବନୀତାଙ୍କ ମା' ଲିପୁଟି ଦିଗାଲଙ୍କ କୌଣସି ରୋଗରେ ଗତ ୭ ବର୍ଷ ତଳେ ମୃତ୍ୟୁ ହୋଇଛି। ବାପା ଘର ଛାଡ଼ି କେଉଁଆଡ଼େ ପଳାଇଛନ୍ତି। ବନୀତା ମାମୁଘର ଟକେରିଗୁଡାରେ ରହୁଥିଲେ। ସେ ମାଟ୍ରିକ ପାସ କରିଥିଲେ। ଶନିବାର ସନ୍ଧ୍ୟାରେ ନଳକୂପରୁ ପାଣି ଆଣି ଘରକୁ ଆସିବାରେ ତାଙ୍କ ମୁଣ୍ଡ ବୁଲାଇଥିଲା। ମାମୁଘର ଲୋକେ ତାଙ୍କୁ ତୁରନ୍ତ ଗୋଚ୍ଛାପଡା ମେଡିକାଲକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ବନୀତାଙ୍କ ମୃତ୍ୟୁ ହୋଇଛି। ତାଙ୍କ ଭାଇ ରଞ୍ଜିତ ଦିଗାଲ ଏ ନେଇ ଥାନାରେ ଅଭିଯୋଗ କରିବାରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ନଂ.୨/୨୨ରେ ଏକ ଅପମୃତ୍ୟୁ ମାମଲା ହୋଇଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି।

### ଦଣ୍ଡକାଳୀ ମନ୍ଦିରରୁ ଟଙ୍କା ଚୋରି

**ଛତ୍ରପୁର,୧୭।୪(ଡି.ଏନ.ଏ.):** ଛତ୍ରପୁର ବିରେଶ୍ୱର ମନ୍ଦିର ନିକଟରେ ଥିବା ଦଣ୍ଡକାଳୀ ମନ୍ଦିରରୁ ୩୫ ହଜାର ଟଙ୍କା ଚୋରି ହୋଇଛି। ଏ ନେଇ କମିଟିର ସୁଶିଳ ନାୟକ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୋଗରୁ ପ୍ରକାଶ ଯେ, ଶନିବାର ଦଣ୍ଡକଳୀ ମନ୍ଦିରରେ ଆଳତୀ ପରେ ପୂଜକ ତାଲା ଦେଇ ଘରକୁ ଫେରିଥିଲେ। ରବିବାର ସକାଳେ ସେ ତାଲା ଭଙ୍ଗାଯାଇଥିବା ଦେଖି ମନ୍ଦିର କମିଟିକୁ ଜଣାଇଥିଲେ। କେହି ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ମା'ଙ୍କ ପ୍ରଭାରେ ଲାଗିଥିବା ୩୫ ହଜାର ଟଙ୍କା ଚୋରି କରି ନେଇଥିବା ସମ୍ପର୍କରେ କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ବିଜୁବାବୁଙ୍କୁ ମିଳୁ ମରଣୋତ୍ତର ଭାରତରତ୍ନ ସମ୍ମାନ


ବିଜୁ ପଟ୍ଟନାୟକ ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।



ସଂସ୍କୃତି ଭବନରେ ମେଗା ରକ୍ତଦାନ ଶିବିର।

**ବ୍ରହ୍ମପୁର ଅଫିସ,୧୭।୪**

କିମ୍ବଦନ୍ତୀ ପୁରୁଷ ତଥା ଜାତୀୟସ୍ତରୀୟ ରାଜନେତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ରବିବାର ବ୍ରହ୍ମପୁର ମହାନଗରରେ ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ବଡ଼ବଜାର ନିକଟ ଦେଶୀ ବେହେରା ବଜାର ଛକରେ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସେଠାରେ ସଂକଳ୍ପ ସମାବେଶ ହୋଇଥିଲା। ଦଳ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀ, ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀଙ୍କ ସମେତ ଶତାଧିକ କର୍ମୀ ଓ ନେତା ଯୋଗ ଦେଇଥିଲେ। ବିଜୁବାବୁଙ୍କ ଅଭିଳଷିତ ଓଡ଼ିଶା ଗଠନ ନିମନ୍ତେ ସମସ୍ତେ କାର୍ଯ୍ୟ କରିବା ସହ ୫ ଦଫା କାର୍ଯ୍ୟକ୍ରମ ନେଇ ସଂକଳ୍ପବଦ୍ଧ ହେବାକୁ ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ତରର ଲୋକେ ଉପସ୍ଥିତ ଥିଲେ। ସଂକଳ୍ପ ସମାବେଶରେ ବିଚକ୍ଷଣ ରାଜନୀତିଜ୍ଞ ବିଜୁବାବୁଙ୍କୁ କେନ୍ଦ୍ରର ସବୁ ସରକାର ଅଣଦେଖା କରି ଭାରତରତ୍ନ ସମ୍ମାନ ଦେଇ ନ ଥିବା ଚ୍ୟାଉ ପଟ୍ଟନାୟକ ସଂଗୀନ ଅଭିଯୋଗ କରିଥିଲେ। ତାଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ଦେବା ପାଇଁ ଦାବି କରାଯାଇଥିଲା। ଅଧିକ ବିଳମ୍ବ ହେଲେ ବର୍ତ୍ତମାନର କେନ୍ଦ୍ର ସରକାର ବିରୋଧରେ ଆନ୍ଦୋଳନ ଚଳାଇବାକୁ ମୁଖ୍ୟତଃ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦିଆଯାଇଥିଲା। କର୍ପୋରେଶନ ରୋଡସ୍ଥ ବିଜୁ ପାର୍କରେ ସ୍ଥାପିତ ପ୍ରତିମୂର୍ତ୍ତିରେ ଏବଂ ଆସିକା ରୋଡସ୍ଥ ତାଲୁକା ଛକରେ ଥିବା ପ୍ରତିମୂର୍ତ୍ତି ସ୍ଥଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କୋଭିଡ କଟକଣା କୋହଳ ହୋଇଥିବାରୁ ଚଳିତ ବର୍ଷ ଅଧିକ ସଂଖ୍ୟକ କର୍ମୀ ଶ୍ରାଦ୍ଧ ବାର୍ଷିକୀ ପାଳନରେ ସାମିଲ ହୋଇଥିଲେ। ପୂର୍ବାହ୍ନରେ ନୀଳକଣ୍ଠେଶ୍ୱର ପୋଖରୀରେ ତିଳତର୍ପଣ କରାଯାଇଥିଲା।

ସ୍ଥାନୀୟ ବିଜୁ ସଂସ୍କୃତି ଭବନରେ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୧୦୦୦ ୟୁନିଟ ରକ୍ତ ସଂଗ୍ରହ ଲକ୍ଷ୍ୟ ରଖାଯାଇ ପୂର୍ବାହ୍ନରେ ଶିବିର ଆରମ୍ଭ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ୭ ଶହରୁ ଅଧିକ ୟୁନିଟ ସଂଗ୍ରହ ହୋଇଥିବା କୁହାଯାଇଛି। ରକ୍ତଦାନ ପାଇଁ ମହିଳା ଓ ପୁରୁଷ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ମହାନଗରର ପ୍ରତି ୱାର୍ଡର କର୍ପୋରେଟରଙ୍କୁ ଲୋକ ଆଣିବା ଲାଗି ବିଧାୟକ ପଣ୍ଡା ଟାର୍ଗେଟ ଦେଇଛନ୍ତି। ବିଳମ୍ବିତ ସନ୍ଧ୍ୟା ଯାଏ ଶିବିର ଚାଲିଥିଲା। ବିଜେଡି ଜୀବନବିନ୍ଦୁ କାର୍ଯ୍ୟକ୍ରମର ଜିଲା ସଂଯୋଜକ ସୁବାସ ମହାରଣାଙ୍କ ସୂଚନାନୁସାରେ ରବିବାର ବ୍ରହ୍ମପୁର, ଗୋପାଳପୁର ଓ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ସ୍ତରୀୟ ରକ୍ତଦାନ ଶିବିର ହୋଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ନିର୍ବାଚନ ମଣ୍ଡଳୀରେ ଶିବିର ଅନୁଷ୍ଠିତ ହୋଇ ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ କରାଯିବାର ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।

**ବେଗୁନିଆପଡା, ବାଲିପଦର ଓ କୋଦଳା ପାଇଁ ଖବରଦାତା ଆବଶ୍ୟକ**

ଗଞ୍ଜାମ ଜିଲା ବେଗୁନିଆପଡା, ବାଲିପଦର ବ୍ଲକ ଓ କୋଦଳା ଏନ୍‌ଏସି ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିପାରିବେ।

# ବାପ୍‌ଟିଷ୍ଟ ଓ ମିଶନାରୀ ଚର୍ଚ୍ଚ ପକ୍ଷରୁ ଇଷ୍ଟର ସଣ୍ଡେ ପାଳିତ

**ବ୍ରହ୍ମପୁର ଅଫିସ,୧୭।୪**

ଖ୍ରୀଷ୍ଟୀୟ ପରମ୍ପରା ଅନୁସାରେ ଗୁଡ୍ ଫ୍ରାଇଡେ ପରବର୍ତ୍ତୀ ତୃତୀୟ ଦିନ ଇଷ୍ଟର ସଣ୍ଡେ ବା ଯିଶୁଙ୍କ ପୁନରୁଥାନ ଦିବସ ପାଳିତ ହୁଏ। ରବିବାର ରେଶମ ସହରରେ କୁଇନ୍ ଅଫ୍ ଦି ମିଶନାରୀ କ୍ୟାଥୋଲିକ୍ ଓ ଗିରି ରୋଡ଼ସ୍ଥିତ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ପକ୍ଷରୁ ଇଷ୍ଟର ସଣ୍ଡେ ପାଳିତ ହୋଇଯାଇଛି। ଇଷ୍ଟର ସଣ୍ଡେ ଅବସରରେ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ପକ୍ଷରୁ ଫାଦର ଅଜୟ ପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ରୀତିନୀତି ପାଳିତ ହୋଇଥିଲା। ରବିବାର ଭୋର ୫ଟାରୁ ବାପ୍‌ଟିଷ୍ଟ ଚର୍ଚ୍ଚ ଯୁବ ସମାଜ ବା ଉଦ୍‌ଯୋଗ ସମିତି ପକ୍ଷରୁ ବିଜିପୁରସ୍ଥିତ କବରଖାନାରେ ଉପାସନା କରାଯାଇଥିଲା। ସମାନ ସମୟରେ ଖ୍ରୀଷ୍ଟିଆନ୍ ମହିଳା ସମିତି ପକ୍ଷରୁ ଚର୍ଚ୍ଚରେ ପୁନରୁଥାନ ଦିବସରେ ବିଜୟୀ ଯିଶୁ ବାକ୍ୟ ପଠନ ହୋଇଥିଲା। ପୂର୍ବାହ୍ନ ୧୦.୩୦ରେ ପଶ୍ଚିମବଙ୍ଗରୁ ଆସିଥିବା ମୁଖ୍ୟ ଯାଜକ ଫାଦର ସିନ୍ଧୁପାଣିଙ୍କ ଦ୍ୱାରା ଇଂଲିଶ ଉପାସନା ହୋଇଥିଲା। ଅପରାହ୍ନ ୩.୩୦ରେ ଇଷ୍ଟର ସଣ୍ଡେ ଅବସରରେ ସଣ୍ଡେ ସ୍କୁଲ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପରିବାର ପକ୍ଷରୁ ସ୍ମୃତି ଉପହାର ବଣ୍ଟନ କରାଯାଇଥିଲା। ସେହିପରି ମିଶନ ରାଣୀ ଚର୍ଚ୍ଚ ପରିସରରେ ଫାଦର ସଞ୍ଜୀବ ନାୟକଙ୍କ ତତ୍ତ୍ୱାବଧାନରେ ଇଷ୍ଟର ସଣ୍ଡେ ପାଳିତ ହୋଇଯାଇଛି। ପୂର୍ବାହ୍ନ ଓ ଅପରାହ୍ନରେ ଯିଶୁଙ୍କ ପୁନରୁଥାନ ଦିବସର ବିଜୟ ଖୁସି ମନାଇବା ସହ ବାଇବେଲ ପାଠ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ରାତି ପ୍ରାୟ ୮.୩୦ରେ ଉଭୟ ଚର୍ଚ୍ଚ ପକ୍ଷରୁ ଇଷ୍ଟର ଲଭ ଫିଷ୍ଟ ଚର୍ଚ୍ଚ ପକ୍ଷରୁ ଆୟୋଜିତ ହୋଇଥିଲା।

# ତିନୋଟି ସ୍ଥାନରେ ଭୟାବହ ଅଗ୍ନିକାଣ୍ଡ

**ପୋଡିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ**

**ବ୍ରହ୍ମପୁର ଅଫିସ,୧୭।୪**

ତିନୋଟି ସ୍ଥାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଛି। ହେଲେ ସେଠାରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଶନିବାର ବିଳମ୍ବିତ ରାତି ପ୍ରାୟ ଗୋଟାଏ ବେଳେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ଭେଣ୍ଡିଂ ଜୋନ ନିକଟରେ ଥିବା ଏକ ସାଇକେଲ ମରାମତି ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା। ମାଲିକ ମିଟୁ ନାହାକ ପହଞ୍ଚିଥିଲେ। ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିବା ବେଳେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲା। ଦୋକାନ ଭିତରେ ଥିବା ବହୁ ଲୋକଙ୍କ ସାଇକେଲ ଓ ମରାମତି ସାମଗ୍ରୀ ପୋଡ଼ିଯାଇଛି। ସେହିପରି ରବିବାର ଭୋର ୪ଟାରେ ସଦର ଥାନା ଅନ୍ତର୍ଗତ ହୁଗୁଳାପଟାରେ ଥିବା ଛତୁ ଫାର୍ମରେ ଅଗ୍ନିକାଣ୍ଡ ଘଟିଥିଲା। ଏନେଇ ମାଲିକ ଭିକାରୀ ପ୍ରଧାନ ଜାଣିବା ପରେ ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ବିଭାଗୀୟ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଫାର୍ମଟି ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ରବିବାର ପୂର୍ବାହ୍ନ ୧୧ଟାରେ ସୁକୁଣ୍ଡା ନିକଟସ୍ଥ ଲକ୍ଷ୍ମୀନୃସିଂହ ମନ୍ଦିର ପଛପଟେ ଥିବା ଏକ ବଗିଚାରେ କେହି ନଆଁ ଲଗାଇ ଦେଇଥିଲେ। ବ୍ରହ୍ମପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କେହି ଦୁର୍ବୃତ୍ତ ନିକଟରେ ଥିବା ଅଳିଆ ଗଦାରେ ନିଆଁ ଲଗାଇ ଦେଇଥିବାରୁ ଏହା ବ୍ୟାପୀ ବଗିଚାରେ ଥିବା ଗଛଗୁଡ଼ିକରେ ଲାଗି ଯାଇଥିବା ସନ୍ଦେହ କରାଯାଉଛି।

# ପୃଥକ୍ ବିଷ କ୍ରିୟାରେ ୨ ମୃତ

**ବ୍ରହ୍ମପୁର ଅଫିସ,୧୭।୪**

ପୃଥକ୍ ବିଷ ପ୍ରକ୍ରିୟାରେ ଗୁରୁତର ଥିବା ୨ ଜଣଙ୍କର ବ୍ରହ୍ମପୁର ମେଡିକାଲରେ ମୃତ୍ୟୁ ଘଟିଛି। ମୃତକମାନଙ୍କ ମଧ୍ୟରେ ଜଣେ ପାଟପୁର ଥାନା ଅନ୍ତର୍ଗତ ସାହସପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ (୨୩) ଓ ଅନ୍ୟ ଜଣେ ହିଞ୍ଜିଳିକାଟୁ ରାଧାକୃଷ୍ଣ ନଗରର ସନାତନ ପାଢ଼ୀ (୪୨)। ମେଡିକାଲ ଫାଣ୍ଡି ପୋଲିସ ରବିବାର ମୃତଦେହ ଜବତ କରି ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ର ମାନସିକ ଅଶାନ୍ତିରୁ ଶନିବାର ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ରବିବାର ମୃତଦେହ ଜବତ କରି ନଂ.୨୦୦/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା କହିଛି। ସେହିପରି ସନାତନ ପାଢ଼ୀ ଏକ ଘରୋଇ କଳିକୁ କେନ୍ଦ୍ରକରି ଗତ ୧୦ ତାରିଖରେ ବିଷପାନ କରିଥିଲେ। ପରିବାର ଲୋକେ ତାଙ୍କୁ ହିଞ୍ଜିଳିକାଟୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ନଂ.୨୦୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# କଇଁଛ ସୁରକ୍ଷାରେ ଯୁବ ସମାଜସେବୀ

**ବ୍ରହ୍ମପୁର ଅଫିସ,୧୭।୪**

କଇଁଛ ସୁରକ୍ଷାରେ ବ୍ରତୀ ହୋଇଛନ୍ତି ବ୍ରହ୍ମପୁର ଲୋଚାପଡ଼ା ଅଞ୍ଚଳର ଯୁବ ସମାଜ ସେବୀ ଅରୁଣ ପାତ୍ର। ଅରୁଣ ରବିବାର ଅପରାହ୍ନରେ ଶିଳ୍ପାଞ୍ଚଳ ସ୍ଥିତ ଭୌରବ ପୋଖରୀରେ ୩ ଟି ଛୋଟ କଇଁଛ ଶାବକ ଛାଡ଼ିଛନ୍ତି। ଗତ ୪ ମାସ ପୂର୍ବେ ୧୬ ନମ୍ବର ଜାତୀୟ ରାଜପଥରେ ଯିବା ସମୟରେ ରାସ୍ତା ଉପରୁ ଏହି ତିନୋଟି କଇଁଛକୁ ବୁଲା କୁକୁର କବଳରୁ ଉଦ୍ଧାର କରିଥିଲେ। କଇଁଛକୁ କିଛି ଦିନ ନିଜେ ପାଳିବା ପରେ ରବିବାର ଭୌରବୀ ପୋଖରୀରେ ଛାଡ଼ିଛନ୍ତି। ଅରୁଣ ପୂର୍ବରୁ ମଧ୍ୟ ଆବର୍ଜନା ଗଦା, ପରିତ୍ୟକ୍ତ ସ୍ଥାନ ଏବଂ ନର୍ଦ୍ଦମା କଡ଼ରୁ କଇଁଛ ଉଦ୍ଧାର କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରୁ ଏଯାବତ ଅରୁଣ ୧୧ ଟି ଛୋଟ ଓ ବଡ଼ କଇଁଛ ଉଦ୍ଧାର କରି ସେମାନଙ୍କ ସୁରକ୍ଷିତ ଭାବେ ଭୈରବୀ ପୋଖରୀରେ ଛାଡ଼ିଛନ୍ତି।


ଛୋଟ କଇଁଛ ଶାବକଙ୍କ ସହ ଅରୁଣ।

# ଗୁଡ୍ ଫ୍ରାଇଡେ, ଇଷ୍ଟର ଉପଲକ୍ଷେ ଶୋଭାଯାତ୍ରା

**ବ୍ରହ୍ମପୁର ଅଫିସ,୧୭।୪**

ଗୁଡ ଫ୍ରାଇ ଡେ ଓ ଯୀଶୁ ଖ୍ରୀଷ୍ଟଙ୍କ ପୁନଃରୁଥାନ ଦିବସ (ଇଷ୍ଟର) ଉପଲକ୍ଷେ ରବିବାର ସହରର ଭାବିନୀପୁର ସ୍ଥିତ ଇଣ୍ଡିଆନ ପେଣ୍ଟିଂ କୋଷ୍ଟିଆଲ ଚର୍ଚ୍ଚ ପକ୍ଷରୁ ବ୍ରହ୍ମପୁର ସହରରେ ଏକ ଶାନ୍ତି ସମାବେଶ ଓ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରା ୟୁସିପି ଇଞ୍ଜିନିୟରିଂ ସ୍କୁଲ ଛକରୁ ଆରମ୍ଭ ହୋଇ କମାପଲୀ ଛକ, ଟାଟାବେଞ୍ଚ ଛକ, ସୁବାରାଓ ଛକ, ଗେଟ ବଜାର ହୋଇ ଲୋଚାପଡା ଭାବିନୀପୁର ମୁଖ୍ୟ ରାସ୍ତା ସ୍ଥିତ ଚର୍ଚ୍ଚ ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଆଧ୍ୟାତ୍ମିକ ବାକ୍ୟ ଓ ସଂଗୀତ ପରିବେଶଣ କରାଯାଇଥିଲା। ଯୀଶୁ ଖ୍ରୀଷ୍ଟଙ୍କ ଶୁଭେଚ୍ଛା ବାର୍ତ୍ତାକୁ ସର୍ବିଙ୍କ ନିକଟରେ ପହଞ୍ଚାଇବା ଓ ସହରରେ ଶାନ୍ତି ଏବଂ ଆଶିଷ ନେଇ ପ୍ରାର୍ଥନା କରିବା ନିମନ୍ତେ ଏହି ଶୋଭାଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଚର୍ଚ୍ଚର ପାଷ୍ଟର ପି.ଜନ କହିଛନ୍ତି। ଏହି ଅବସରରେ ଚର୍ଚ୍ଚ ଗୃହରେ ପ୍ରାର୍ଥନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କେରଳରୁ ଆସିଥିବା ମୁଖ୍ୟବକ୍ତା ପାଷ୍ଟର ସାମ ନୈନ ଯୋଗ ଦେଇ ଯୀଶୁ ଖ୍ରୀଷ୍ଟଙ୍କର ଶୁଭ ସମ୍ବାଦ ପରିବେଶଣ କରିଥିଲେ। ଚର୍ଚ୍ଚ ପାଳିକା ମେର୍ସି ପି.ଜନ୍‌ଙ୍କ ସମେତ ଅନେସ୍ ବାରିକ, ମୁନିସ୍ ରଇତ ପରିଚାଳନାରେ ସହଯୋଗ କରିଥିଲେ। ଚର୍ଚ୍ଚର ସଦସ୍ୟା ଲେନା ଚାନ୍ଦ ଇଷ୍ଟର ରବିବାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।


ବାଇକ ଶୋଭାଯାତ୍ରା।

# ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ


ମନ୍ଦିର ପରିସରରେ ରାମଚରିତ ମାନସ ପାରାୟଣ।

**ବ୍ରହ୍ମପୁର ଅଫିସ,୧୭।୪**

ଲାଞ୍ଜିପଲୀ ଗୁଡସ୍‌ରୋଡସ୍ଥିତ ସଙ୍କଟ ମୋଚନ ହନୁମାନ ମନ୍ଦିର ପରିସରରେ ୯ ଦିନ ଧରି ଚାଲିଥିବା ରାମଚରିତ ମାନସ ପାରାୟଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୋହିତ ବିଜୟ ପଣ୍ଡିତ ଓ ସୀମାଞ୍ଚଳ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୂଜା ଓ ହୋମ ଆୟୋଜିତ ହୋଇଥିଲା। ରାମ ନବମୀଠାରୁ ଏହି ମାନସ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରତିକାନ୍ତ ମହାରାଜ, ରାଧାକାନ୍ତ ମିଶ୍ର, ବାଇନାଥ ଦାଶ, ପୂର୍ଣ୍ଣ ଚନ୍ଦ୍ର ଡାକୁଆ, ରାଜେନ୍ଦ୍ର ଚୌଧୁରୀ, ସତ୍ୟ ନାରାୟଣ ଦାଶ, ବାଲାଜୀ ମହାରଣା ଓ ସଂଗ୍ରାମ କେଶରୀ ପ୍ରମୁଖଙ୍କ ସମେତ ମନ୍ଦିର କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ କର୍ମୀ ସମ୍ମିଳନୀ

**ରାଜନୈତିକ କାର୍ଯ୍ୟକଳାପ ନେଇ ଆଲୋଚନା**

**ବ୍ରହ୍ମପୁର ଅଫିସ,୧୭।୪**

ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ରବିବାର ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଯାଇଛି। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସି ପାତ୍ର, ଗଞ୍ଜାମ ଜିଲା ପ୍ରଭାରୀ ଅଶୋକ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡଙ୍ଗୀ, ପ୍ରଦୀପ କୁମାର ଶତପଥୀ, ଏନ୍.ରାଜେନ୍ଦ୍ର କୁମାର, ଜିଲା ସମ୍ପାଦିକା ସୁଶିଳା ମଲିକ, ଉପସଭାପତି ମନୋଜ କୁମାର ପଟ୍ଟନାୟକ,ରାମ ପାତ୍ର, ନିରଞ୍ଜନ ପଟ୍ଟନାୟକ ଓ କର୍ପୋରେଟର ଡି.କରୁଣାକର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଦଳର ଆଗାମୀ ରାଜନୈତିକ କାର୍ଯ୍ୟକଳାପ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ହୋଲ୍ଡିଂ ଟିକସ ବୃଦ୍ଧି ବିରୋଧରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ବ୍ରହ୍ମପୁର ପୌର ନିର୍ବାଚନରେ ନିର୍ବାଚିତ ଭାଜପାର ୬ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କର୍ମୀ ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

# ସିପିଆଇ ଓ ଏଆଇୱାଇଏଫର ବିକ୍ଷୋଭ

**ଦରଦାମ ବୃଦ୍ଧି ପ୍ରତିବାଦ**

**ବ୍ରହ୍ମପୁର ଅଫିସ,୧୭।୪**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଓ ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ) ପକ୍ଷରୁ ଦର ଦାମ ବୃଦ୍ଧି ପ୍ରତିବାଦରେ ରବିବାର କାରଗିଲ ପେଟ୍ରୋଲ ପମ୍ପ ସମ୍ମୁଖରେ ପତିବାଦ ସଭା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାହାଇଛି। ସଂଘ ପକ୍ଷରୁ କୁହାଯାଇଛି, ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସର ଅହେତୁକ ଦରବୃଦ୍ଧି ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧି ପାଇଛି। ଏହି ପ୍ରତିବାଦରେ ସଭାରେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗଦେଇ କେନ୍ଦ୍ର ସରକାରଙ୍କ ଫାସୀବାଦୀ ଶାସନକୁ ଦୃଢ଼ ନିନ୍ଦା କରିବା ସହିତ ସାଧାରଣ ଲୋକ ଦରଦାମ ବୃଦ୍ଧି ଫଳରେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା କହିଥିଲେ। ଏଣୁ ତୁରନ୍ତ ପେଟ୍ରୋଲିୟମ ଜାତ ଦ୍ରବ୍ୟର ଦର ବୃଦ୍ଧି ହ୍ରାସ ପାଇଁ ଦାବି କରିଥିଲେ। ଏଆଇୱାଇଏଫ ରାଜ୍ୟ ସଭାପତି ପ୍ରଦୀପ ସେଠୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଦରବୃଦ୍ଧି ଉପରେ ରୋକ ନ ଲଗାଇଲେ ଆସନ୍ତା ଦିନରେ ଯୁବ ସଂଘ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବୀଣ ଦାଶ, ସୁଦର୍ଶନ ସ୍ୱାଇଁ, କିଶୋର ଶତପଥୀ, ପୂର୍ଣ୍ଣ ରଥ, କୈଳାସ ପାତ୍ର, ଅନନ୍ତ ମହାକୁଡ, ଯୁବସଂଘ ତରଫରୁ ଜିଲା ସମ୍ପାଦକ କାମଦେବ ନାହାକଙ୍କ ସମେତ ଦୈତାରୀ ରେଡ୍ଡୀ, ଦଣ୍ଡପାଣି ପାତ୍ର, କୈଳାସ ଦାସ, ରୋହିତ ବିଷୋୟୀ, ମହେନ୍ଦ୍ର ପାତ୍ର, ଅଜୟ ଗୌଡ଼ ଓ ଦେବେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ।

# ଚୂନ ମାରି ଲୁଟୁଛନ୍ତି ଅଧିକାରୀ, ଠିକାଦାର

ମାଲକାନଗିରି,୧୭।୪ (ଡି.ଏନ.ଏ.)

ଖରା ଦିନ ଆସିଲେ ମାଲକାନଗିରି ଜିଲାରେ ଜଳ କଷ୍ଟ ବଢ଼ିଥାଏ। ଜିଲାରେ ସବୁ ବର୍ଷ ଜଳ କଷ୍ଟ ଦେଖାଦେଉଥିବା ବେଳେ ଏହା ଦୂର କରିବା ବାହାନରେ ଅଚଳ ପାନୀୟ ଜଳ ପ୍ରକଳ୍ପରେ ଚୂନ ମାରି ଅର୍ଥ ଲୁଟ କରାଯାଉଛି। ମାଲକାନଗିରି ସଦର ମହକୁମା ନିକଟସ୍ଥ ଏମଭି-୩ ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଏହି ଗ୍ରାମରେ ପାଇପ ଯୋଗେ ଜଳ ଯୋଗାଣ ଲାଗି ହୋଇଥିବା ପ୍ରକଳ୍ପ ଆରମ୍ଭରୁ ହିଁ ଅଚଳ ହୋଇପଡିଛି। ନିକଟରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜଳକଷ୍ଟ ଦୂର ଆଳରେ ଏହି ଅଚଳ ପ୍ରକଳ୍ପରେ କେବଳ ରଙ୍ଗ ମାରି ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅଧିକାରୀ, ଯନ୍ତ୍ରୀ ଓ ଠିକାଦାର ଲୁଟି ନେଇଥିବା ସ୍ଥାନୀୟ


ଅଚଳ ପାନୀୟ ଜଳ ପ୍ରକଳ୍ପରେ ମରାଯାଇଥିବା ଚୂନ।

ଲୋକେ ଅଭିଯୋଗ କରିଛନ୍ତି। ଏମଭି-୩ ଗ୍ରାମଠାରୁ କିଛି କିଲୋମିଟର ଦୂରରେ ରହିଛି ଏମଭି ୧୩ ଗ୍ରାମ। ଏଠାରେ ମଧ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇ ପଡିରହିଛି। ଏଠାରେ ମଧ ପମ୍ପ ହାଉସ ଓ ପାଣି ଟାଙ୍କିରେ ଚୁନ ମାରି ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଜିଲାରେ ଜଳ କଷ୍ଟ ଦୂର ଲାଗି ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏପରି ପାନୀୟ ଜଳ ପ୍ରକଳ୍ପ କରୁଥିବା ବେଳେ ସ୍ଥାନୀୟ ଅଧିକାରୀ ମାନେ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

### ଅଚଳ ପାନୀୟ ଜଳ ପ୍ରକଳ୍ପ

ନ ଦେଇ ଅଚଳ ପ୍ରକଳ୍ପରେ ଚୂନ ମାରି ଟଙ୍କା ହାତେଇବାରେ ଲାଗିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ଜିଲାରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ସରକାର ୩୬୪ଟି ପାଇପ ଯୋଗେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ସେଥିରୁ ୪୫ଟି ପ୍ରକଳ୍ପ ଅଚଳ ଥିବା ଜଣାପଡିଛି। ଅନେକ ସ୍ଥାନରେ କାର୍ଯ୍ୟକ୍ଷମ ପ୍ରକଳ୍ପଗୁଡିକ ମଧ୍ୟ ଗ୍ରାମବାସୀଙ୍କ ପାନୀୟ ଜଳ ଆବଶ୍ୟକତା ପୂରଣ କରିବାରେ ବିଫଳ ହୋଇଛି। ଏ ସମ୍ପର୍କରେ କୋରକୋଣ୍ଡା ବିଡିଓଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା ।

## ସଂକ୍ଷେପରେ

### ଶିବନନ୍ଦନ, ବଳରାମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଦିଗପହଣ୍ଡି,୧୭।୪(ଡି.ଏନ୍.ଏ.):** ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ତଲାସିଙ୍ଗି ଗ୍ରାମରେ ଶିବନନ୍ଦନ ଓ ବଳରାମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଗୋପୀନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଯୁବ ଉଦ୍ୟୋଗପତି ତଥା କଳିଙ୍ଗ ଉତ୍କଳ ବିଦ୍ୟୁତ୍ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ପରମେଶ୍ୱର ପାଣିଗ୍ରାହୀ , ସମିତି ସଭ୍ୟ ଭାବିନ୍ଦ୍ର ଗୌଡ଼, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଶୁଭାରମ୍ଭ କରିଥିଲେ। ଏଥିରେ ଦିଗପହଣ୍ଡି ସମେତ ଆଖପାଖ ଅଞ୍ଚଳର ୧୬ କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ। ଦେଓଖାଳି ଗ୍ରାମ କ୍ରିକେଟ ଟିମ ଏବଂ ପୋଡ଼ାବାଡି କ୍ରିକେଟ ଟିମ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦେଓଖାଳିର କ୍ରିକେଟ ଟିମ୍ ଟସ୍ ଜିତି ୧୨ ଓଭର ମ୍ୟାଚରେ ପ୍ରଥମ ବ୍ୟାଟିଂ କରି ୮ ଓଭରରେ ୧୪୦ ରନ କରିଥିଲା। ତେବେ ମ୍ୟାଚ ଅଧାରେ ବର୍ଷା ପ୍ରତିବନ୍ଧକ ସାଜିବାରୁ ପରବର୍ତ୍ତୀ ସମୟରେ ଖେଳ ସମ୍ଭବ ହୋଇପାରିନଥିଲା। ରବୀନ୍ଦ୍ର କୁମାର ପଣ୍ଡା ଓ ସୁଶାନ୍ତ ବିନ୍ଧାଣି ମ୍ୟାଚରେ ଅମ୍ପାୟରିଂ କରିଥିବାବେଳେ ଟୁର୍ନାମେଣ୍ଟ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ସୀମାଞ୍ଚଳ ଗୌଡ଼, ସନ୍ତୋଷ କୁମାର ମହାରଣା, ସୁଧୀର ଶୁକ୍ଳ, ବାଲ୍ମୀକି ଗୌଡ଼, ନୀଳାମ୍ବର ଗୌଡ଼ଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

### ନିଖୋଜ ଶିଶୁଙ୍କୁ ଉଦ୍ଧାର ପାଇଁ ପୋଲିସ ଅଧିକାରୀଙ୍କୁ ତାଲିମ

**ବ୍ରହ୍ମପୁର ଅଫିସ,୧୭।୪:** ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ବ୍ରହ୍ମପୁର ପୋଲିସ ଜିଲାର ଅଧିକାରୀମାନଙ୍କ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲା ପୋଲିସ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ନିଖୋଜ ଶିଶୁଙ୍କ ଉଦ୍ଧାର ପାଇଁ ସିଆଇଡି-କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଦତ୍ତ ନୀତିନିୟମ(ଏସଓପି) ବିଷୟରେ ତାଲିମ ଦିଆଯାଇଥିଲା। ଟ୍ରାକ ଚାଇଲ୍ଡ ପୋର୍ଟାଲ ବ୍ୟବହାର ସହ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବିଷୟରେ ତାଲିମ ଦିଆଯାଇଥିଲା। ସେହିପରି ନିଖୋଜ ଶିଶୁଙ୍କୁ ଠାବ କରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକ ଥାନାରେ ଏସ୍‌ଆଇ ଓ ଏଏସ୍‌ଆଇଙ୍କୁ ନେଇ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି । ଆଇଆଇସି ଓ ଏସ୍‌ଡିପିଓମାନେ ଦୈନିକ ଉଦ୍ଧାର କାର୍ଯ୍ୟର ତଦାରଖ କରିବେ। ସେହିପରି ସମନ୍ୱିତ ମାନବ ଚାଲାଣ ନିରୋଧୀ ୟୁନିଟ ମଧ୍ୟ ଶିଶୁ ଉଦ୍ଧାର ଦିଗରେ ସ୍ୱତନ୍ତ୍ର ଭାବେ ତଦାରଖ କରିବେ ବୋଲି ଅତିରିକ୍ତ ଏସପି ଅସୀମ ପଣ୍ଡା ସୂଚନା ଦେଇଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ରମେଶ ସେଠୀ, ସାଇବର ସେଲ ଏସ୍‌ପି ଅକ୍ଷୟ ନାୟକ, ହେଡକ୍ୱାଟର ଡିଏସପି ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## କୋରାପୁଟରେ ପ୍ରବଳ ବର୍ଷା, ଅନ୍ଧାରରେ ସହର

କୋରାପୁଟ,୧୭।୪(ସ୍ୱ.ପ୍ର.)

କୋରାପୁଟରେ ରବିବାର ସଂନ୍ଧ୍ୟାରେ ମୋରାପୁଟରେ ପ୍ରବଳ ବର୍ଷ ହୋଇଛି। କୋରାପୁଟ ସହର ସମେତ ଡୁମରିପୁଟ, ଦେବୀଘାଟ, ସୁନାବେଡା ଆଦି ବିଭିନ୍ନ ସ୍ଥାନରେ ୬ଟାରୁ ୮ଟାଯାଏ ଘଡଘଡି ସହ ଏହିବର୍ଷା ହୋଇଥିଲା। ଫଳରେ ବିଦ୍ୟୁତ କଟି ସହର ଅନ୍ଧାରରେ ରହିଥିବା ଜଣାଯାଇଛି। ବିଦ୍ୟୁତ ସ୍ୱାଭାବିକ ପାଇଁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଚାଲିଥିବା ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମାର୍ଥା କହିଛନ୍ତି।

## ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ

କୁନ୍ଦୁରା,୧୭।୪ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ମସିଗାଁ ପଞ୍ଚାୟତରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ବ୍ଲକ କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ, ଜିଲା କଂଗ୍ରେସ କୃଷକ ସେଲ ସଭାପତି ଭବାନୀ ଶଙ୍କର ରଥ, ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଗୁଲୁ ରଥ, ପୂର୍ବତନ ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ମିନରବିଲିଆ ଯୋଗ ଦେଇଥିଲେ। ମସିଗାଁ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ବ୍ଲକ ଅଧ୍ୟକ୍ଷା ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ସମୟରେ ବ୍ଲକ ପ୍ରତି ହେଉଥିବା ସରକାରୀ କଳର ଅବହେଳାର ପ୍ରତିବାଦ କରିବା ପାଇଁ ଭବାନୀ ଶଙ୍କର ରଥ ଆହ୍ୱାନ ଦେଇଥିଲେ। ଲୋକଙ୍କ ପାଖରେ ଓ ଲୋକଙ୍କ ସୁଖ ଦୁଃଖରେ କଂଗ୍ରେସ କର୍ମୀ ଭାଗିଦାର ହେବା ଏବଂ ଆଗାମୀ ସାଧାରଣ ନିର୍ବାଚନରେ ଦଳ ଯେପରି ଭଲ ପ୍ରଦର୍ଶନ କରିବ ସେନେଇ ଗୋକୁଳ ଚନ୍ଦ୍ର ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ତରୁଣୀ ସେନ ବିଶୋୟୀ ଓ ଲକ୍ଷ୍ମୀ ମିନରବିଲିଆ ସରକାରୀ କଳର ନିଷ୍କ୍ରିୟତା ଓ ଦୁର୍ନୀତି ସମ୍ପର୍କରେ ମତ ରଖିଥିଲେ। ଗୁଲୁ ରଥ, ବାଣ୍ଡୁଆଗୁଡା ପୂର୍ବତନ ସରପଞ୍ଚ ଗୁପ୍ତ ନାୟକ, ରାମ ମାଳିଙ୍କ ସହ ସୋମନାଥ ବିଶୋୟୀ, ଲକ୍ଷ୍ମଣ ସ୍ୱାଇଁ, ଭୀଷ୍ମ ମିନରବାଲିଆ, ବୁଦୁରା ପାତ୍ର, ଗୁପ୍ତ କାର୍ତ୍ତିକ, ଚନ୍ଦ୍ରଶେଖର ରାଓ, ଲକ୍ଷ୍ମଣ ହରିଜନ, ପ୍ରମୋଦ ବିଶୋୟୀ ଉପସ୍ଥିତ ଥିଲେ।

# ଶିକ୍ଷା କର୍ମଚାରୀ ସଂଘର ବୈଠକ

ଭଞ୍ଜନଗର,୧୭।୪(ଡି.ଏନ.ଏ)

ଗଞ୍ଜାମ ଜିଲା ଶିକ୍ଷା କର୍ମଚାରୀ ସଂଘର ଏକ ବୈଠକ ରବିବାର ସ୍ଥାନୀୟ ବେଲେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଅଜିତ କୁମାର ସାବତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା କର୍ମଚାରୀ ସଂଘ ଅଧୀନରେ ଥିବା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ । କର୍ମଚାରୀମାନଙ୍କୁ ଅନ୍ୟ କର୍ମଚାରୀଙ୍କ ଭଳି ସମାନ ଦରମା ପ୍ରଦାନ କରାଯାଉ ବୋଲି ସେ ଦାବି କରିଥିଲେ। ସରକାର ବର୍ତ୍ତମାନ ନୂଆ ପେନସନ୍ ନିୟମ କରିଛନ୍ତି । କର୍ମଚାରୀଙ୍କ ଦରମା ନେଇ ଶେୟାର ମାର୍କେଟରେ ଲଗାଯାଉଛି। କର୍ମଚାରୀମାନେ ଅବସର ସମୟରେ ଶେୟାର ମାର୍କେଟ ଯଦି କମିଥିବ ତେବେ କର୍ମଚାରୀମାନେ କ୍ଷତି ସହିବେ। ସରକାର କର୍ମଚାରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ତେଣୁ ଅନ୍ୟ କେତେକ ରାଜ୍ୟ ଭଳି ଓଡ଼ିଶାରେ ମଧ ପୁରୁଣା ପେନସନ୍ ନିୟମ ଲାଗୁ କରାଯାଉ। କର୍ମଚାରୀମାନେ ଏକତାର ମନୋଭାବ ନେଇ ଆନ୍ଦୋଳନ



ଜିଲା ସଭାପତି ଅଜିତ ସାବତ ଉଦ୍‌ବୋଧନ ଦେଉଛନ୍ତି ।

କଲେ ଦାବି ପୂରଣ ହୋଇପାରିବ । ଶିକ୍ଷାନୁଷ୍ଠାନର ଉନ୍ନତିରେ ପିଅନ, କିରାଣୀ ମାନଙ୍କ ଭୂମିକା ଅଧିକ ରହୁଛି । ଜିଲାରେ ରିହାବିଲେଶନ ସ୍କିମ୍‌ରେ ପ୍ରାୟ ୫ବର୍ଷ ହେବ ଶିକ୍ଷା ବିଭାଗରେ ନୂତନ ନିଯୁକ୍ତି ହୋଇନାହିଁ । ଅନେକ ଆବେଦନକାରୀଙ୍କ ଫାଇଲ ପଡ଼ିରହିଛି । ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ଉନ୍ନତି କରାଯାଉଛି । କିନ୍ତୁ ଆବଶ୍ୟକ ଅନୁଯାୟୀ ନୂତନ କର୍ମଚାରୀ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଉନାହିଁ । ତେଣୁ ସରକାର କର୍ମଚାରୀମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଦାବି ପୂରଣ କରନ୍ତୁ । ନଚେତ ସଂଘ ପକ୍ଷରୁ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଭାପତି ସାବତ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଦିପ୍ତି ନାରାୟଣ ବେହେରା, ଜିଲା ଉପଦେଷ୍ଟା ମଧୁସୂଦନ ପଣ୍ଡା, ଗିରିଜା ଶଙ୍କର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ରବୀନ୍ଦ୍ର କୁମାର ପ୍ରଧାନ ସଭାକୁ ସଂଯୋଜନା କରିଥିଲେ।। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରଶାନ୍ତ ପ୍ରଧାନ, ରିତା ପଟ୍ଟନାୟକ, ଲିଲି ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ୩ ପଞ୍ଚାୟତକୁ ସଂଯୋଗୀକରଣ ରାସ୍ତା ମରଣଯନ୍ତା

ପାରଳାଖେମୁଣ୍ଡି,୧୭।୪(ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଘୋରଣି, ବଡ଼ କୋଟୋରୁ, ତାଟିପାଟି ଏହି ୩ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏହି ରାସ୍ତାର ଅବସ୍ଥା ଏପରି ହେଲାଣି ଯେ, ଲୋକେ ଯାତାୟାତ କରିବା ପାଇଁ ବିପଦ ମଣୁଛନ୍ତି। କର୍ଦ୍ଦମାକ୍ତ ହୋଇପଡ଼ିଥିବାରୁ ଯାନବାହନରେ ଯିବା ତ ଦୂରର କଥା ଚାଲି ଚାଲି ଯିବା ମଧ ସମ୍ଭବ ନୁହଁ। ଉପରୋକ୍ତ ୩ ପଞ୍ଚାୟତ ଅଧୀନ ୧୨ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରିଥାନ୍ତି ଏହି ରାସ୍ତା ଉପରେ। ୩ ପଞ୍ଚାୟତ ମଧ୍ୟରେ ସ୍ୱଳ୍ପ ଦୂରତା ବହନ କରୁଥିବାରୁ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ଏହି ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇଯିବା ପରେ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ରାସ୍ତାଟି ତାଟିପାଟି ପଞ୍ଚାୟତର ଗୋଲା ଗ୍ରାମରୁ ବାହାରି ଘୋରଣି ଓ ବଡ଼କୋଟୋରୁ ପଞ୍ଚାୟତ ସହ ସଂଯୋଗ ହୋଇଛି। ଏ ନେଇ ୩ ପଞ୍ଚାୟତବାସୀ ପ୍ରଶାସନକୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ



ଜଣାଇଥିଲେ ମଧ କେହି ଶୁଣୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏହି ରାସ୍ତାଟି ଆଜକୁ ପ୍ରାୟ ୧୦ ବର୍ଷ ହେଲା ଖରାପ ହୋଇ ପଡ଼ିଛି। ତେବେ ଏହି ରାସ୍ତାର ପୁନଃ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ପ୍ରଶାସନକୁ ଘେରାଉ କରିବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ବାଣାୟତ ଓଡ଼ିଆ ସମାଜର ବୈଠକ

ଛତ୍ରପୁର,୧୭।୪(ଡି.ଏନ.ଏ.)

ଛତ୍ରପୁରସ୍ଥିତ ଗୌରୀଶଙ୍କର କଲ୍ୟାଣ ମଣ୍ଡପଠାରେ ଛତ୍ରପୁର ନଗର ତାଲୁକା ବାଣାୟତ ଓଡିଆ ସମାଜର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଖିଳ ଓଡିଶା ବାଣାୟତ ଓଡିଆ ସମାଜର ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ସଂଗଠନକୁ ମଜଭୁତ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ରାଜ୍ୟ ସଭାପତି ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ । ନିଖିଳ ବାଣାୟତ ଓଡିଆ ସମାଜର ରାଜ୍ୟ ସଭାପତି ସନ୍ତୋଷ କୁମାର ନାୟକ କୁଳ ପତାକା ଉତ୍ତୋଳନ କରିଥିଲେ । ନିର୍ବାଚନ ଅଧିକାରୀ ଉଦୟନାଥଙ୍କ ପରିଚାଳନାରେ ସର୍ବସମ୍ମତିକ୍ରମେ କମିଟି ଗଠନ ହୋଇଥିଲା। ଦେବରାଜ ପ୍ରଧାନ ସଭାପତି, ରବୀନ୍ଦ୍ର ସେଠୀ ଉପସଭାପତି, ସୀମାଞ୍ଚଳ ନାହାକ ସମ୍ପାଦକ, ଟିଟୁ ରଞ୍ଜନ ମଳିକ ସହ ସମ୍ପାଦକ, ଅଶ୍ୱିନୀ ବିଶ୍ୱାଳ କୋଷାଧ୍ୟକ୍ଷ, ଭଗବାନ ସେଠୀ ସମୀକ୍ଷକ, ବାଦଲ ପାଣ୍ଡି ସଂଗଠନ ସମ୍ପାଦକ, ଅକ୍ଷୟ କୁମାର ଜେନା, ଅଙ୍ଗଦ ବିଶ୍ୱାଳ ରାଜ୍ୟ ପ୍ରତିନିଧି, ନିରଞ୍ଜନ ସ୍ୱାଇଁ ଜିଲା ପ୍ରତିନିଧି, ସୁରେନ୍ଦ୍ର ସ୍ୱାଇଁ, ପ୍ରଦୀପ ଖିଟେଇ, ଭାସ୍କର ପ୍ରଧାନ ଉପଦେଷ୍ଟା, କୁଳ ସଭ୍ୟ ଭାବେ କୋରା ସାମଲ, ଯୋଗୀ ପ୍ରଧାନ ବୃନ୍ଦାବନ ସାହୁ, ସାଇବ ସ୍ୱାଇଁ ଏବଂ ହୀନ ବାରିକଙ୍କୁ କୁଳ ପାଇକ ଭାବେ ମନୋନୀତ କରାଯାଇଥିଲା ।


ବୈଠକରେ ଉପସ୍ଥିତ ବିଧାୟକ ଓ କର୍ମକର୍ତ୍ତା ।

# ସମାଜର ସାମୂହିକ ବିକାଶ ସମ୍ପର୍କରେ ଆଲୋଚନାଚକ୍ର

ଜି.ଉଦୟଗିରି,୧୭।୪(ଡି.ଏନ.ଏ.)

ଜି.ଉଦୟଗିରିସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲାର ଅଗ୍ରଣୀ ସାମାଜିସେବା ସଙ୍ଗଠନ ସ୍ୱାତୀ ତରଫରୁ ରବିବାର ସମାଜର ସାମୂହିକ ବିକାଶରେ ଗଣମାଧ୍ୟମ, ସାମାଜିକ କର୍ମୀ ଓ ଜନ ପ୍ରତିନିଧିଙ୍କ ସମନ୍ୱୟ ଓ ଭୂମିକା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାତୀର ସମ୍ପାଦକ ହରିଶଙ୍କର ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଫୁଲବାଣୀର ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ପାଳ ଓ ଶିଶିର ପଟ୍ଟନାୟକ ଯୋଗଦେଇ ସାମୂହିକ ବିକାଶରେ ଗଣମାଧ୍ୟମ ପ୍ରତିନିଧି, ଜନ ପ୍ରତିନିଧି ଓ ସମାଜ ସେବା ସଙ୍ଗଠନଗୁଡ଼ିକ ମିଳିତ


ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି।

ଭାବେ ଚେଷ୍ଟା ଜାରି ରଖିଲେ ସମାଜର ସାମୂହିକ ବିକାଶ ହୋଇପାରିବ ବୋଲି କହିଥିଲେ। ଗଣମାଧ୍ୟମ ପ୍ରତିନିଧି ସମୀର କୁମାର ପାଢୀ, କାଉନସିଲର ଲେକ୍‌ଚର ବୁଲିୟାନ, ସାମାଜିକ କର୍ମୀ ମହମ୍ମଦ ଜିଆଉଦ୍ଦିନ, ସାମାଜିକ କର୍ମୀ ପ୍ରଦୀପ ଦାଶ, ବିଷ୍ଣୁପ୍ରିୟା କହଁର ନିଜ ନିଜ ମତବ୍ୟକ୍ତ କରିଥିଲେ। ସ୍ୱାତୀର ଗିରିଶ ସାମଲ ଓ ପ୍ରଦୀପ କୁମାର ସ୍ୱାଇଁ ସମାଜ ସେବା ସଙ୍ଗଠନର ଭୂମିକା ସମ୍ପର୍କରେ କହିଥିଲେ। ଏହି ଆଲୋଚନାଚକ୍ରରେ ବରିଷ୍ଠ ସାମ୍ବାଦିକ ଶିଶିର ପଟ୍ଟନାୟକ ଏବଂ ପ୍ରଦାତାର ସମ୍ପାଦକ ତଥା ଜିଲାର ପ୍ରତିଷ୍ଠିତ ସାମାଜିକ କର୍ମୀ ପ୍ରଦୀପ ଦାଶଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାତୀ ସମ୍ପାଦକ ହରି ଶଙ୍କର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ଗଣମାଧ୍ୟମ ପ୍ରତିନିଧି, ନିର୍ବାଚିତ ଜନ ପ୍ରତିନିଧି ଓ ସମାଜ ସେବା ସଙ୍ଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଏସ୍. ରାମେଶ୍ୱର ବେଲଗୁଣ୍ଠା ବ୍ଲକ ବିଜେଡି ସଭାପତି

ଭଞ୍ଜନଗର,୧୭।୪(ଡି.ଏନ.ଏ)

ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ଭାବେ ପ୍ରଶାନ୍ତ ନାୟକ ନିର୍ବାଚିତ ହେବାପରେ ସେ ବ୍ଲକ ବିଜେଡି ସଭାପତି ଏବଂ ଏମ୍‌ପି ପ୍ରତିନିଧି ପଦବୀରୁ ଇସ୍ତଫା ଦେଇଥିଲେ। ରବିବାର ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉକ୍ତ ଦୁଇ ପଦବୀ ପାଇଁ ୨ ଜଣ ଯୁବ ନେତାଙ୍କୁ ମନୋନୀତ କରାଯାଇଛି। ବଡ଼ବୋରସିଙ୍ଗି ସରପଞ୍ଚ ଏସ୍.ରାମେଶ୍ୱର ପାତ୍ରଙ୍କୁ ବ୍ଲକ ବିଜେଡି ସଭାପତି ଏବଂ ପାଇଲିପଡ଼ାର ଯୁବନେତା ସନ୍ତୋଷ ସ୍ୱାଇଁଙ୍କୁ ବେଲଗୁଣ୍ଠା ବ୍ଲକ ଏମ୍‌ପି ପ୍ରତିନିଧି ଭାବେ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କୁ ବ୍ଲକ ବିଜେଡି କର୍ମୀମାନେ ସ୍ୱାଗତ କରିଛନ୍ତି। ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧୁମୁଛାଇରେ ଏକ ସଭା ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ନାୟକ ଅଧ୍ୟକ୍ଷତା କରିଥିଲେ । ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ଏବଂ ସୋରଡ଼ା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପୂର୍ବରୁ ଅତିଥିମାନେ ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ମହାବିଦ୍ୟାଳୟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ମାଧବରିଡ଼ା ଆନିକଟରେ ତିଳତର୍ପଣ କରିଥିଲେ। ସେହିପରି ଭଞ୍ଜନଗର ସହର ଏବଂ ବାଇପାସ୍ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଛନ୍ତି। ଏହାପରେ ଭଞ୍ଜନଗର ମେଡ଼ିକାଲରେ ରୋଗୀଙ୍କୁ ମିଷ୍ଟାନ୍ନ ବଣ୍ଟାଯାଇଥିଲା । କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ, ଏମ୍‌ପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଧୁମୁଛାଇରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ।

# ରକ୍ଷଣାବେକ୍ଷଣ ହେଉନି: ନଷ୍ଟ ହେବାକୁ ବସିଲାଣି ପଞ୍ଚାୟତ ଉଦ୍ୟାନ

ମାଲକାନଗିରି,୧୭।୪ (ଡି.ଏନ.ଏ.)

ଗ୍ରାମ ପଞ୍ଚାୟତ ସଦରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ କିଛି ବର୍ଷ ମଧ୍ୟରେ ସେସବୁ ନିଜର ପରିଚୟ ହରାଇବା ସ୍ଥିତିକୁ ଚାଲିଆସୁଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତରେ ଥିବା ପଞ୍ଚାୟତ ଉଦ୍ୟାନ କ୍ଷେତ୍ରରେ। କୋରୁକୋଣ୍ଡା ସଦର ପଞ୍ଚାୟତ ଗାଁ ପୋଖରୀ ନିକଟରେ ୨୦୨୦ ଫେବୃୟାରୀରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପଞ୍ଚାୟତ ଉଦ୍ୟାନର ଶୁଭାରମ୍ଭ ହୋଇଥିଲା। ପୋଖରୀ ଚାରିପଟ ଆଲୋକୀକରଣ ପାଇଁ ୧୧ଟି ସୋଲାର ଲାଇଟ୍ ଲାଗିଥିଲା। ଏବେ କେବଳ ଗୋଟିଏ ଲାଇଟ ଜଳୁଥିବା ବେଳେ ବାକି ୧୦ଟି ଅଚଳ ହୋଇପଡିଛି। ଉଦ୍ୟାନରେ ପିଲାଙ୍କ ପାଇଁ ଖେଳ ସାମଗ୍ରୀ ସହ ବହୁ ବ୍ୟାୟମ ଉପକରଣ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ଉପରେ ଛୋଟ ଛୋଟ ଗଛ ଲତା ମାଡିଗିଲାଣି। ସେହିପରି ଉଦ୍ୟାନ ପରିସରରେ ଗୋଟିଏ ଆଇ ଲଭ କୋରୁକୋଣ୍ଡା ଲେଖାଥିବା ଲାଇଟିଂ ବୋର୍ଡ ଲଗାଯାଇଛି। ଏହାର ଯତ୍ନ ଅଭାବରୁ ଲାଇଟ ଅଚଳ ହୋଇପଡିଛି। ରାତିରେ ଏହା କୋରୁକୋଣ୍ଡା ବଦଳରେ ରୁକୁଣ୍ଡା ଲେଖା ଥିବା ଦେଖିବାକୁ ମିଳୁଛି। ଉଦ୍ୟାନଟି ମାଲକାନଗିରି ସଦରଠାରୁ ବାଲିମେଳା ଯିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସହ କୋରୁକୋଣ୍ଡା ବ୍ଲକ କଲୋନୀ ପଛପଟ ହୋଇଥିଲେ ମଧ ଏହା ଉପରେ କାହାର ନଜର ନ ପଡିବା ପ୍ରଶାସନର ଅବହେଳାକୁ ସ୍ପଷ୍ଟ କରୁଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଯଦି ଆଉ କିଛିଦିନ ଅବହେଳା ଜାରି ରହିବ ତେବେ ଉଦ୍ୟାନଟି କୋରୁକୋଣ୍ଡା ପଞ୍ଚାୟତରୁ ହଜିଯିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

- ୧୧ ସୋଲାର ଲାଇଟ୍‌ରୁ ୧୦ ଅଚଳ
- ପିଲାଙ୍କ ଖେଳକୁଦ ସାମଗ୍ରୀ ଉପରେ ମାଡିଗଲାଣି ଗଛଲତା
- ଲାଇଟିଂ ବୋର୍ଡରେ କୋରୁକୋଣ୍ଡା ବଦଳରେ ଦେଖାଯାଉଛି ରୁକୁଣ୍ଡା



ଅବହେଳିତ ଅବସ୍ଥାରେ ରହିଥିବା ପଞ୍ଚାୟତ ଉଦ୍ୟାନ।

## ସଂକ୍ଷେପରେ

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୧୭।୪(ଡି.ଏନ୍.ଏ.):** ଦିଗପହଣ୍ଡି ସରସ୍ୱତୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଏବଂ ଅଭିଭାବିକା ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର ପରିଚାଳନା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ ଶିଶୁର ଭୌତିକ ଏବଂ ଆଧାତ୍ମିକ ବିକାଶ କ୍ଷେତ୍ରରେ ଅଭିଭାବକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ ଶିଶୁଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ମାର୍ଗଦର୍ଶନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଚାର୍ଯ୍ୟ କବିଚନ୍ଦ୍ର ସେଠୀ ଓ ବସନ୍ତ କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆଚାର୍ଯ୍ୟ ରଘୁନାଥ ସେଠୀଙ୍କ ସଙ୍ଗୀତ ସଂଯୋଜନାରେ ଅଭିଭାବିକା କାମିନୀ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଅଭିଭାବିକା ଯୋଗ ଦେଇଥିଲେ। ଶେଷରେ ଆଚାର୍ଯ୍ୟ ସୁରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆଚାର୍ଯ୍ୟ ବାବୁଲା ପଣ୍ଡା, ସରୋଜ କୁମାର ରଥ, ଭଗବାନ ପାଣିଗ୍ରାହୀ, ଦିଲେଶ୍ୱର ପଣ୍ଡା, ବିଶ୍ୱନାଥ ସ୍ୱାଇଁ, ସୁଶାନ୍ତ ବେହେରାଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରାକ୍ଟର-ବାଇକ୍ ଧକ୍କା, ବ୍ୟବସାୟୀ ମୃତ

**କାଲିମେଲା, ୧୭।୪(ଡି.ଏନ.ଏ. ):** ମାଲକାନଗିରି ଜିଲା ପୋଟେରୁ ଫାଣ୍ଡି ଅନ୍ତର୍ଗତ ଏମ୍‌ପିଭି-୬ ଏବଂ ଲଛମନଗୁଡ଼ା ଗ୍ରାମ ରାସ୍ତାରେ ଶନିବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉତ୍ତମ କର୍ମକାର (୫୨) । ସେ ପୋଟେରୁ ମାର୍କେଟ ସାହି ଅଞ୍ଚଳରେ ରହୁଥିଲେ। ତେବେ ଏକ ଟ୍ରାକ୍ଟର ସହ ଉତ୍ତମଙ୍କ ବାଇକ୍ ଧକ୍କା ହୋଇଥିବା କେତେକ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି । ଏହାକୁ ଭିତ୍ତିକରି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବରରୁ ଜଣାପଡିଛି ଉତ୍ତମ ବୃତ୍ତିରେ ଜଣେ ବ୍ୟବସାୟୀ। ସେ ଉକ୍ତ ଅଞ୍ଚଳରେ ହେଉଥିବା ସାପ୍ତାହିକ ହାଟଗୁଡିକରେ ସୁନା ରୁପା ବ୍ୟବସାୟ କରି ପରିବାର ଚଳାଉଥିଲେ। ସେ ନିକଟସ୍ଥ ରାଖାଲଗୁଡା ସାପ୍ତାହିକ ହାଟକୁ ବ୍ୟବସାୟ ପାଇଁ ଯାଇ ରାତିରେ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

# ଆକାଂକ୍ଷୀ ଜିଲାର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା

## କେନ୍ଦ୍ରମନ୍ତ୍ରୀଙ୍କ ଦିନିକିଆ କନ୍ଧମାଳ ଗସ୍ତ

**ଫୁଲବାଣୀ ଅଫିସ, ୧୭।୪**

କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁବାସ ସରକାର ରବିବାର ଦିନିକିଆ କନ୍ଧମାଳ ଜିଲା ଗସ୍ତରେ ଆସି ଆକାଂକ୍ଷୀ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ଫୁଲବାଣୀରେ ପହଞ୍ଚିବା ପରେ ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦଳୀୟ କର୍ମୀମାନେ ତାଙ୍କୁ ଶୋଭାଯାତ୍ରାରେ ଆଣି ସ୍ଥାନୀୟ ସର୍କିଟ ହାଉସରେ ପହଞ୍ଚିଥିଲେ । ସେଠାରେ ଦଳୀୟ କର୍ମୀଙ୍କ ସହ କଥା ହୋଇଥିଲେ। ପରେ ଜିଲା ପରିଷଦ ସଭାଗୃହକୁ ଯାଇ ଜିଲା ପ୍ରଶାସନ ଏବଂ ବିଧାୟକଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ ।

ଆକାଂକ୍ଷୀ ଯୋଜନାରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଆର୍ଥିକ ବିକାଶ ଏବଂ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ସଫଳତାର ସହ ଜିଲାରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ମେଡିକାଲରେ ଡାକ୍ତର ଓ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ କରିବା ଦିଗରେ କାର୍ଯ୍ୟ କରିବାକୁ ଜିଲା ପ୍ରଶାସନକୁ କହିଥିଲେ। ଏହାଛଡା ଫୁଲବାଣୀ, ଟିକାବାଲି, ଦାରିଙ୍ଗିବାଡି ଏବଂ ବାଲିଗୁଡା ମେଡିକାଲରେ ୪ଟି ଅଲଟ୍ରାସାଉଣ୍ଡ ମେଶିନ ବସାଇବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଜିଲାର ୨୫୦୬ ଗ୍ରାମରୁ ୬୪୯ ଗ୍ରାମକୁ ରାସ୍ତା ନାହିଁ । ତେଣୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଏହି ଗ୍ରାମ ରାସ୍ତାକୁ ଅନ୍ତର୍ଭୁକ୍ତ କରିବାକୁ ଜିଲା ପ୍ରଶାସନକୁ କହିଥିଲେ। ସେହିପରି ଅଧିକ ସଂଖ୍ୟାରେ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ଉପରେ ଗୁରୁତ୍ୱାରୋପ କରିଥିଲେ । କନ୍ଧମାଳରେ ପର୍ଯ୍ୟଟନର ବହୁତ ସୁବିଧା ରହିଛି । ହେଲେ ତାହାର ଉନ୍ନତି କରାଯାଉ ନାହିଁ। ହଳଦୀ, ଆମ୍ବ, ବିଭିନ୍ନ ପ୍ରକାର କୃଷି ଜାତ ପଦାର୍ଥକୁ ନେଇ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କରାଗଲେ ଜିଲା ସମେତ କୃଷି ଏବଂ କୃଷକର ଉନ୍ନତି ହେବ ବୋଲି କହିଥିଲେ । ସେହିପରି ଜୈବିକ କୃଷି ଉପରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ । ବିଭିନ୍ନ ଯୋଜନା ପାଇଁ କେନ୍ଦ୍ର ସରକାର ବହୁ ଅନୁଦାନ ଦେଉଛନ୍ତି। ଏହାକୁ ଠିକ ଭାବେ ବିନିଯୋଗ କଲେ ଆକାଂକ୍ଷୀ ଜିଲା ହିସାବରେ କନ୍ଧମାଳର ଉନ୍ନତି ହେବ ବୋଲି ଜିଲା ପ୍ରଶାସନକୁ ଅବଗତ କରିଥିଲେ । ବୈଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଫୁଲବାଣୀ ପୌରାଧ୍ୟକ୍ଷ ସ୍ମିତାରାଣୀ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କ ସମେତ ଅନ୍ୟ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ । ଅପରାହ୍ନରେ ମନ୍ତ୍ରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜବାହାର ନବୋଦୟ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରାଇଫେଡର ଉପାଧ୍ୟକ୍ଷ ପବିତ୍ର କହଁର ମଧ୍ୟ ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ ।



କେନ୍ଦ୍ରମନ୍ତ୍ରୀ ଡ. ସୁବାସ ସରକାର ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଠିକା ମହିଳା ଶ୍ରମିକଙ୍କ ମୃତ୍ୟୁ, ଉତ୍ତେଜନା

## ଆଇଆର୍‌ଇ ପ୍ଲାଣ୍ଟରେ ଦୁର୍ଘଟଣା



ଆଇଆର୍‌ଇ ପ୍ଲାଣ୍ଟ ଆଗରେ ମାଟିଖାଲ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଛତ୍ରପୁର,୧୭।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟ ପରିସରରେ ରବିବାର କାର୍ଯ୍ୟରତ ଜଣେ ଠିକା ମହିଳା ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ନିକଟ ମାଟିଖାଲ ଗ୍ରାମର ରମା ପ୍ରଧାନ (୩୪)। ପ୍ଲାଣ୍ଟ ପରିସରରେ ସେ ଲୁହା ବୋହି ଆଣୁଥିବା ବେଳେ ହଠାତ୍ ତାହା ଖସି ପଡିଥିଲା। ଏଥିରେ ରମା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଛତ୍ରପୁର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ରମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଗୁରୁତର ରମାଙ୍କୁ ତୁରନ୍ତ ଆଇଆର୍‌ଇ ମେଡିକାଲକୁ ନ ନେଇ ବିଳମ୍ବରେ ଛତ୍ରପୁର ହସ୍ପିଟାଲ ପଠାଯିବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଶ୍ରମିକଙ୍କ ନିମନ୍ତେ ପ୍ଲାଣ୍ଟରେ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବା ସେମାନେ ଦର୍ଶାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ପ୍ଲାଣ୍ଟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯଦ୍ୱାରା ଆଇଆର୍‌ଇ କର୍ତ୍ତୃପକ୍ଷଙ୍କୁ ଫାଟକକୁ ବନ୍ଦ କରିବାକୁ ପଡିଥିଲା। ଏପଟେ ବିକ୍ଷୋଭ ଚାଲିଥିବା ବେଳେ ସେପଟେ ବ୍ୟବଚ୍ଛେଦ ନ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଛତ୍ରପୁର ହସ୍ପିଟାଲରେ ମୃତଦେହ ପଡି ରହିଥିବା ଦେଖାଯାଇଛି। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି। ମାଟିଖାଲ ଗାଁ ମୁଖିଆ ବାବୁଲି ପ୍ରଧାନ, ପଞ୍ଚାନନ ପ୍ରଧାନ, ସୁରେଶ ପ୍ରଧାନ, ଭାଗିରଥି ବେହେରା, ପି. ଧର୍ମା ରେଡ୍ଡୀ, ବାଦଲ ବେହେରା, ପୂର୍ବତନ ସମିତି ସଭ୍ୟ ଭାଗିରଥି ପ୍ରଧାନ, କଣମଣା ନାଏବ ସରପଞ୍ଚ ପ୍ରଶାନ୍ତ ବେହେରା, ଏନ. ୱାର୍ଡ ରାଜୁଲୁ ରେଡ୍ଡୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ବିକ୍ଷୋଭ ଚଳାଇଛନ୍ତି। ସୂଚନାଯୋଗ୍ୟ, ମହିଳା ଶ୍ରମିକ ରମାଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ଘଟିଛି। ଏବେ ତାଙ୍କର ଦୁଇଟି ଛୋଟ ଶିଶୁ ଅନାଥ ହୋଇପଡିଛନ୍ତି।

# କ୍ୟାଣ୍ଡେଲ, ମୋବାଇଲ ଆଲୁଅରେ ଚିକିତ୍ସା

## ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ପୋଲସରା:୧୭।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ରବିବାର ସନ୍ଧ୍ୟାରେ ବିଦ୍ୟୁତ୍ କାଟ ହୋଇଥିବା ବେଳେ କ୍ୟାଣ୍ଡେଲ ଓ ମୋବାଇଲ ଫୋନ୍ ଆଲୁଅରେ ରୋଗୀ ଚିକିତ୍ସା କରାଯାଇଛି। ଏପରିକି ଜଣେ ମହିଳାଙ୍କ ପ୍ରସବ ମଧ୍ୟ କରାଯାଇଛି। ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସମସ୍ୟା ନିତିଦିନିଆ ବୋଲି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

କଳମ୍ବ ଗ୍ରାମର ତପସ୍ୱିନୀ ସାହୁ କହିଛନ୍ତି, ଅପରାହ୍ନ ପ୍ରାୟ ୪ଟାରେ ଜଣେ ସମ୍ପର୍କୀୟ ମାଉସୀଙ୍କ ପ୍ରସବ ବେଦନା ହୋଇଥିଲା। ତେଣୁ ତାଙ୍କୁ ପୋଲସରା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ କୌଣସି ସୁବିଧା ନ ଥିଲା। ସନ୍ଧ୍ୟା ୭ଟାରେ ମାଉସୀଙ୍କ ଏକ ଶିଶୁପୁତ୍ର ଜନ୍ମ ନେଇଥିଲା। ପିଲା ଜନ୍ମ ବେଳେ ଡାକ୍ତରଖାନାରେ ବିଦ୍ୟୁତ୍ ନ ଥିଲା। ବିକଳ୍ପ ଭାବେ ଜେନେରେଟରର ମଧ୍ୟ ସୁବିଧା ନ ଥିବାରୁ ନର୍ସମାନେ ମୋବାଇଲ ଫୋନ୍ ଲାଇଟ ପକାଇ ଇଞ୍ଜେକସନ ଦେଲେ ଏବଂ ପ୍ରସବ ମଧ୍ୟ କରାଇଥିଲେ। ସେହିପରି ଅନ୍ୟ ୱାର୍ଡରେ ମଧ୍ୟ ମହମବତି ଓ ମୋବାଇଲ ଲାଇଟରେ ଚିକିତ୍ସା କରାଯାଇଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ କହିଥିଲେ। ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ତପସ୍ୱିନୀ ଓ ଅନ୍ୟମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଡ୍ୟୁଟିରେ ଥିବା ଡାକ୍ତର ପ୍ରଜ୍ଞା ପ୍ରଥମାଙ୍କୁ ପଚାରିବାରେ ସେ କହିଛନ୍ତି, ବିଦ୍ୟୁତ ଗଲାପରେ କୌଣସି ସୁବିଧା ନାହିଁ। ତେଣୁ ମହମବତି ହେଉ କି ମୋବାଇଲ ଲାଇଟ ଲଗାଇ ରୋଗୀଙ୍କ ସେବା କରିବି ବୋଲି କହିଛନ୍ତି।



ମୋବାଇଲ ଲାଇଟରେ ଜଣେ ରୋଗୀଙ୍କ ଚିକିତ୍ସା ଚାଲିଛି।

## ଚିକିଟି ଭାଜପା ପକ୍ଷରୁ ସମୀକ୍ଷା ବୈଠକ

**ପାତ୍ରପୁର,୧୭।୪(ଡି.ଏନ୍.ଏ.)**

ଚିକିଟି ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ରବିବାର ପାତ୍ରପୁରସ୍ଥିତ ମହେନ୍ଦ୍ର ତନୟା ସାଂସ୍କୃତିକ ପରିଷଦଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା ଅଧ୍ୟକ୍ଷତା କରିଥିବା ବେଳେ ପ୍ରଦ୍ୟୁମ୍ନ ନାୟକ (ଭଞ୍ଜନଗର) ଓ ଭୃଗୁ ବକ୍ସିପାତ୍ର ଯୋଗଦେଇ ୨୦୨୪ର ସଫଳତା ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ୱାଇ. ବାଲକ୍ରିଷ୍ଣା ରେଡ୍ଡୀ, ଏମ୍. କାମରାଜୁ, ମୀନା ଦ୍ୟାନସାମନ୍ତରା, ୱାଇ. ସଂଯୁକ୍ତା, ୱାଇ. ମୋହନ ରାଓ, ଅନାଦି ପଣ୍ଡିତ, ନାର୍ଶୀଙ୍ଗୁଲୁ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ଦିନରେ ଭାଜପାର ଶକ୍ତି ବୃଦ୍ଧି କରିବାକୁ ହେଲେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବାକୁ ମନୋରଞ୍ଜନ ଦ୍ୟାନସାମନ୍ତରା ପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ସମସ୍ତ ନିର୍ବାଚିତ/ପରାଜିତ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମ୍ୟସ୍ତରୀୟ ୫୦୦ରୁ ଊର୍ଦ୍ଧ୍ୱ ନେତୃବୃନ୍ଦ ଯୋଗଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ବୈଠକ

**ପାରଳାଖେମୁଣ୍ଡି,୧୭।୪(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ଆଦର୍ଶ ଥାନା ପରିସରରେ ରବିବାର ବରିଷ୍ଠ ନାଗରିକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ, ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିର୍ମଳା ସେଠୀ, ଉପଜିଲାପାଳ ଦିଲୀପ କୁମାର ମହାରଣା, ଅତିରିକ୍ତ ଏସ୍‌ପି ବାମଦେବ ସିଂ, ଏସ୍‌ଡିପିଓ ରାମକୃଷ୍ଣ ପତି, ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ, ପୂର୍ବତନ କମାଣ୍ଡାଣ୍ଟ ସତ୍ୟନାରାୟଣ ଜମାଦାର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପି. କେ. ପାତ୍ରଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ପ୍ରକାରର ସେବା ଓ ସହଯୋଗ କରିବା ଉପରେ ଆଲୋକପାତ କରିଥିଲେ। ଏସ୍‌ପିଙ୍କ ଆହ୍ୱାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ବରିଷ୍ଠ ନାଗରିକଙ୍କୁ ସେବା ଯୋଗାଇବା ପାଇଁ ଉତ୍ସର୍ଗୀକୃତ ପଦକ୍ଷେପ ସହ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୪୫ ଜଣ ବରିଷ୍ଠ ନାଗରିକଙ୍କୁ ଏସ୍‌ପିଙ୍କ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକଙ୍କ ଫଟୋ, ଦସ୍ତଖତ, ଜରୁରିକାଳୀନ ଯୋଗାଯୋଗ ନମ୍ବର, ବ୍ଲଡ ଗ୍ରୁପ ଏବଂ ନୋମିନିଙ୍କ ନାମ ଉଲ୍ଲେଖ ରହିଛି। ଯାହାକୁ ଆଧାର କରି ସମସ୍ତ ସରକାରୀ କାର୍ଯ୍ୟାଳୟ ଡାକ୍ତରଖାନା ଆଦିରେ ସହଯୋଗ କରିବେ ପୋଲିସ କର୍ମଚାରୀ ଓ ଅଧିକାରୀ। ପରବର୍ତ୍ତୀ ସମୟରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ଏହା ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି।

# ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା



ପ୍ରଦର୍ଶନୀରେ ସ୍ଥାନିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି ଅତିଥିବୃନ୍ଦ।

**ଦିଗପହଣ୍ଡି,୧୭।୪(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ମଦନ ମୋହନପୁର ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀ ମେଳାକୁ ଶିକ୍ଷୟିତ୍ରୀ ତଥା ପ୍ରଶିକ୍ଷିକା ନିବେଦିତା ପାଢୀ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବରାମ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଦିଗପହଣ୍ଡି ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ ସଂଯୋଜନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଏବିଇଓ ରସାନନ୍ଦ ଘଡେଇ, ବିଶ୍ୱବା ପାଇକ, ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ଗୌଡ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ମେଳାରେ ବ୍ଲକ ଅଧୀନ ୧୬ କ୍ଲଷ୍ଟରର ୭୦ ବିଭିନ୍ନ ଭାଷା ଓ ଗଣିତ ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକର ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଗାଇଡ ଭାବେ ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିବା ପାଇଁ ସାନଖେମୁଣ୍ଡି ବ୍ଲକର ସହକାରୀ ଶିକ୍ଷକ ସଦାଶିବ ପାଢୀ ଓ ରୋହିତ ଜେନା ବିଚାରକ ଭାବେ ଯୋଗ ଦେଇଥିଲେ। ତେବେ ଏଥିରୁ ଶ୍ରେଷ୍ଠ ୪ ପ୍ରକଳ୍ପକୁ ଆସନ୍ତା ଏପ୍ରିଲ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନମେଳା ପାଇଁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ସିଆର୍‌ସିସି ଦୀନବନ୍ଧୁ ପାତ୍ର, ଉପେନ୍ଦ୍ର ପଣ୍ଡା, ନରସିଂହ ପାଠୀ, ଟୁକୁନା ଭୂୟାଁ, ବଳରାମ ବେହେରା, ରାଜେନ୍ଦ୍ର ମହାନ୍ତି, ଶଙ୍କର ସେଠୀ, ବାବୁଲା ନାୟକଙ୍କ ସମେତ ବ୍ଲକ ଅଧୀନ ବିଭିନ୍ନ କ୍ଲଷ୍ଟରର ସମସ୍ତ ସିଆର୍‌ସିସି ଏବଂ ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ଜ୍ୟୋତି ମହାରଣାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୋଣାଦିତ୍ୟର ଉପାସନା ଖିଆଲି ପରମ୍ପରା ନୁହେଁ





**ଡ. ସୁରେନ୍ଦ୍ର କୁମାର ମିଶ୍ର**

- ପରମ୍ପରାର ବିକାଶ ପାଇଁ ସଂକଳ୍ପ ନେଇଥିଲେ ଲାଙ୍ଗୁଳା ନରସିଂହଦେବ
- ଗଡ଼ର ମହାସାମନ୍ତମାନେ ଥିଲେ ଆମ ଜାତିର ବିଶ୍ୱାସ ପୁରୁଷ

ପୂର୍ବ ଆଲେଖ୍ୟରୁ ଆମେ ଜାଣିଲେ କୋଣାର୍କକୁ ୨୪ଥର ପଥର ଆସିଥିଲା। ସମସ୍ତ ପଥର ଓଡ଼ିଶାର ପାହାଡ଼/ପର୍ବତରୁ ଆସିଥିଲା। ସେଥିପାଇଁ ସେଗୁଡ଼ିକର ଅବସ୍ଥିତି ଆମେ ଆଲୋଚନା କରିଥିଲୁ। ପଥର ବାଛିବାଠାରୁ ପଥର ଆଣି କୋଣାର୍କରେ ପହଞ୍ଚାଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଓଡ଼ିଶାର ଅଭିଜ୍ଞ ଶିଳ୍ପୀ କରିଥିଲେ। ସେମାନଙ୍କୁ ସହଯୋଗ କରିଥିବା ରାଜା /ମହାରାଜା/ଗଡ଼ନାୟକ/ଖଣ୍ଡପାଳ/ଦଳବେହେରା/ଗଡ଼ ସାମନ୍ତମାନଙ୍କ ଅବଦାନ ମଧ୍ୟ ପ୍ରସଙ୍ଗକ୍ରମେ ଉପସ୍ଥାପନ କରାଯାଇଥିଲା। ଉଲ୍ଲେଖ କରିବାର ଆଭିମୁଖ୍ୟ ଆମର ସ୍ପଷ୍ଟ। ଯେଉଁମାନେ ଶ୍ରୀପଦ୍ମକେଶର ମନ୍ଦିର ଏବଂ କୋଣାର୍କ ଉପରେ ବଡ଼ ବଡ଼ ଗ୍ରନ୍ଥ/ପୁସ୍ତକ ଲେଖି ପ୍ରମାଣିତ କରିବାକୁ ଚାହିଁଥିଲେ ଓଡ଼ିଆମାନେ ଏହି ମନ୍ଦିର ନିର୍ମାଣ କରିନାହାନ୍ତି। ସେମାନଙ୍କ ବର୍ଣ୍ଣନା ଓ ମତକୁ ନିରାଧାର କରିବା। ଏକ ଭୁଲ୍ ଐତିହ୍ୟ ଆମ ଉପରେ ଲଦି ଦିଆଯାଇଥିଲା।

ପଦ୍ମତୋଳାଗଣ୍ଡରେ ପଥର ପହଞ୍ଚିବା ପରେ ତା'ର ହିସାବ ଓ ରକ୍ଷଣାବେକ୍ଷଣ କଥା ଆମେ ଆଲୋଚନା କରିଥିଲେ। ନିର୍ମାଣ କେମିତି ଆଗେଇଲା, କେଉଁମାନେ ଘରଦ୍ୱାର ପିଲାସଂସାରକୁ ଛାଡ଼ି ମାସ ମାସ ଧରି କୋଣାର୍କରେ ଅବସ୍ଥାନ କରି ଜାତିର ଗୌରବକୁ ପ୍ରତିଷ୍ଠା କରିଦେଇଗଲେ ତାଙ୍କ ବିଷୟରେ ଜାଣିବା ଓ ଅନ୍ୟକୁ ଜଣେଇବା।

ଅନେକ ପୁସ୍ତକରେ ଲେଖିବାକୁ ଲେଖକମାନେ ଭୁଲିଲେ ନାହିଁ ଯେ ତୀର୍ଥରେ ସ୍ନାନ କରି ଶ୍ରୀମହାଭାସ୍କରଙ୍କୁ ଦର୍ଶନ କରିବାର ଏକ ଖିଆଲି ପରମ୍ପରାକୁ ନେଇ ଏତେ ଧନ ଦରବ ଖର୍ଚ୍ଚ କରିବା କ'ଣ ଆବଶ୍ୟକ ଥିଲା। ସେମାନେ ବୁଝିନାହାନ୍ତି ସନତନୀୟ ସ୍ନାନ ପରମ୍ପରାର ରହସ୍ୟ। ଆମେ ଜାଣେ ଆମ ପରମ୍ପରାରେ ସ୍ନାନ ସାତ ପ୍ରକାର।

୧– ମନ୍ତ୍ର ସ୍ନାନ, ୨–ପାର୍ଥିବ ସ୍ନାନ (ମାଟି ଚୂର୍ଣ୍ଣ ବୋଳିହୋଇ ସ୍ନାନ କରିବା), ୩– ଆଗ୍ନେୟ ସ୍ନାନ (ପାଉଁଶ/ଭସ୍ମ ବୋଳି ହୋଇ ଏବଂ ସୂର୍ଯ୍ୟକିରଣରେ ସ୍ନାନ କରିବା)।

୪– ବାୟବ୍ୟ ସ୍ନାନ: ଗୋରୁ ଗଲାବେଳେ ତାଙ୍କ ଖୁରା ବାଜି ଯେଉଁ ଧୂଳି ବା ରଜ ସୃଷ୍ଟି ହୁଏ ତାହା ଖୋଲା ଦେହକୁ ପବନ ସହ ବାଜିଲେ ବୟବ୍ୟ ସ୍ନାନ ହୁଏ।

୫– ଦିବ୍ୟ ସ୍ନାନ: ଖରା ପଡ଼ିଥିବ/ବର୍ଷା ବି ଝିପି ଝିପି ହେଉଥିବ, ଠିକ୍ ସେଇ ସମୟରେ ତୀର୍ଥରେ ଯେଉଁ ସ୍ନାନ କରାଯାଏ।

୬– ବାରୁଣି ସ୍ନାନ: ମହୋଦଧି, ପବିତ୍ର ନଦୀ ଏବଂ ପାହାଡ଼ରୁ ଝରିଆସି ତୀର୍ଥ ସଂଲଗ୍ନ ହୋଇଥିବା ଝରଣାରେ ତିଥି, ବାର ଓ ନକ୍ଷତ୍ର ଅନୁଯାୟୀ ଯେଉଁ ସ୍ନାନ କରାଯାଏ।

୭– ମାନସିକ ସ୍ନାନ: ମନରେ ଶ୍ରୀବିଷ୍ଣୁଙ୍କୁ ଧ୍ୟାନ କରି ସନ୍ନ୍ୟାସୀମାନେ ସ୍ଥାନ–କାଳ–ପାତ୍ର ଅନୁଯାୟୀ ଯେଉଁ ସ୍ନାନ କରନ୍ତି।

କୋଣାଦିତ୍ୟରେ ମହୋଦଧି ସଂଲଗ୍ନ ପବିତ୍ର ଚନ୍ଦ୍ରଭାଗା ନଦୀରେ ବାରୁଣି ସ୍ନାନ ପ୍ରଚଳିତ। ପବିତ୍ର ନଦୀର ତାହା ସଙ୍ଗମ ସ୍ଥଳ ଥିଲା। ପାରଲୌକିକ ବିଶ୍ୱାସ କେବଳ ନୁହେଁ, ଇହଲୋକର ବିଜ୍ଞାନ ବାର୍ତ୍ତା ଏଥିରେ ଅଛି। ବିଶ୍ୱାସ ଓ ଆସ୍ଥାର କଥା। ସେଇ ଗଣବିଶ୍ୱାସକୁ ସମ୍ମାନ ଦେଇଆସିଥିଲେ ମହାରାଜାମାନେ। ସେ ବିଶ୍ୱାସ ଶାମ୍ବଙ୍କର ମଧ୍ୟ ଥିଲା। ନଇଲେ ବ୍ୟାଧିମୁକ୍ତ ହେବା ସହିତ ସିଦ୍ଧି ପାଇଲେ କେମିତି!! ସେବେଠୁ ଓଡ଼ିଶା ମୂଳକରେ କୋଣାଦିତ୍ୟ ଥିଲା ପବିତ୍ର ଭୂମି।

ସେଇ ପବିତ୍ର ପରମ୍ପରାର ବିକାଶ କରିବାକୁ ସଂକଳ୍ପ ନେଇଥିଲେ ଲାଙ୍ଗୁଳା ନରସିଂହଦେବ। ତୀର୍ଥ ଥିଲା, ସୂର୍ଯ୍ୟଦେବତା ବି ପୂଜା ପାଉଥିଲେ, ଦେବତାଙ୍କ ସମେତ ମଣିଷମାନଙ୍କ ସ୍ନାନ ବିଧି ଥିଲା, ଆଉ ଟିକେ ବିକାଶ କରାଇବାକୁ ଅଣ୍ଟା ଭିଡ଼ିଥିଲେ ଗଜପତି। ଗଜପତିଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓଡ଼ିଶାର 'ମହାସାମନ୍ତ'ମାନେ। ଆମେ ଜାଣେ କେତୋଟି ଗ୍ରାମକୁ ନେଇ ପ୍ରଶାସନିକ ସୁବିଧା ଦୃଷ୍ଟିରୁ 'ବିଷୟ' ଗଠିତ ହୋଇଥିଲା। ପାଞ୍ଚୋଟି ବିଷୟକୁ ନେଇ ଗଠିତ ଅଞ୍ଚଳର ମୁଖିଆ ଥିଲେ–ବିଷୟାଧିପତି। ଗଜପତି ଯାଙ୍କୁ ନିଯୁକ୍ତି ଦେଉଥିଲେ। ଭିନ୍ନ ଭିନ୍ନ କାଳରେ ବିଷୟାଧିପତି ଚିହ୍ନିତ ହୋଇଛନ୍ତି 'ରାଣକ', ସାମନ୍ତ ଓ ମହାସାମନ୍ତ ଅଧିପତି ଭାବରେ। ଅନେକ ଐତିହ୍ୟରୁ ଜଣାଯାଏ ଗଜପତିଙ୍କର ମହାସାମନ୍ତ ଥିଲେ ବିଶ୍ୱାସପୁରୁଷ। ସେଥିପାଇଁ କେତେକ ଉଚ୍ଚକ୍ଷମତା ତାଙ୍କୁ ଦିଆଯାଇଥିଲା। ଗଜପତିଙ୍କ ପରିବାରର ଦୂରସମ୍ପର୍କୀୟ ବା ପରିବାରଭୁକ୍ତ ଥିଲେ ମହାସାମନ୍ତମାନେ। କୋଣାର୍କ ଅଞ୍ଚଳରେ ଯେଉଁ ଗଙ୍ଗବଂଶୀ ୧୬ ଗଡ଼ ଥିଲା, ସେଇ ଗଡ଼ର ମହାସାମନ୍ତମାନଙ୍କର ଉପାଧି ଥିଲା– ବୀରବର ମର୍ଦ୍ଦରାଜ ସାମନ୍ତ (ଗୋଲରାଗଡ଼), ସାମନ୍ତସିଂହାର (ଗଡ଼ଚାନ୍ଦପୁର), ରାୟ ସାମନ୍ତ (ଗଡ଼ବାଙ୍ଗର), ସାମନ୍ତରାୟ (ପଦନପୁର ଗଡ଼), ସାମନ୍ତ ଶ୍ରୀଚନ୍ଦନ (ଗଡ଼ମୃଗଶିରା) ପ୍ରଭୃତି।

ଏମାନଙ୍କୁ ଆଜି ଆମେ ସ୍ମରଣ କରୁଛେ– ଏଇମାନେ କୋଣାର୍କକୁ ପଥର ଆଣିବାର ବ୍ୟବସ୍ଥାରେ ମୁଖ୍ୟପୁରୋଧା ଥିଲେ। ପଥର ଆସିବା ପରେ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇଥିଲେ। ଗଜପତି ସିନା ଅର୍ଥବଳ ଯୋଗେଇଦେବେ! ଲୋକବଳ...!! ଚାପ ସଜାଡ଼ିବାଠୁ ଚାପଦଳେଇ, ଦଳବେହେରା, ମହ୍ଲାର, ଘାଟ ଦଳେଇଙ୍କୁ ସଜାଗ କରାଇ କର୍ମଚଞ୍ଚଳ କରାଇବା, ଚାପରୁ ପଥର ବୋହି ପଥୁରିଆଙ୍କୁ ଯୋଗାଇଦେବା ସହଜ କାମ ନୁହେଁ। ଦିନରାତି ଜଣାପଡ଼ି ନ ଥିବ ଏମାନଙ୍କୁ। ଏମାନଙ୍କ ତ୍ୟାଗ, ନିଷ୍ଠା ଓ ସହଯୋଗ ସବିଶେଷ ଆଲୋଚନା ସ୍ତରକୁ ଆଣିବା। ନଇଲେ ବାହାରିଆ ଲେଖକଙ୍କ ପାଟି ଚୁପ୍ ହେବନି।



ଗୋଲରାଗଡ଼ ସଂଲଗ୍ନ ଚିତ୍ରୋତ୍ପଳା ନଦୀ କୂଳରେ ଅନୁସନ୍ଧାନ କାଳରେ ସୁରେନ୍ଦ୍ର କୁମାର ମିଶ୍ର ଓ ଗଡ଼ରୁପାସର ମହାସାମନ୍ତଙ୍କ ଭାଇ ଅଜୟ ପାତ୍ର (ବାମ)। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ସୁରକ୍ଷା ନେଇ ଥାନାଧିକାରୀଙ୍କୁ ଭେଟିଲେ ବ୍ୟବସାୟୀ



ସେମିଲିଗୁଡା/ସୁନାବେଡା,୧୭।୪ (ସ୍ୱ.ପ୍ର.)- କିଛି ଦିନ ହେବ ସ୍ଥାନୀୟ ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢି ଚାଲିଛି। ଗତ ଗୁରୁବାର ରାତିରେ ସୁନାବେଡା ଓ ସେମିଲିଗୁଡାର ୪ଟି ସ୍ଥାନରେ ଚୋରମାନେ ଦୋକାନ ଶଟର୍ ତାଲା ଭାଙ୍ଗି ଚୋରି କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଦୋକାନର ସୁରକ୍ଷା ଲାଗି ରବିବାର ୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ସୁନାବେଡା ଥାନା ଅଧିକାରୀ ସମ୍ବିତ୍ କୁମାର ବେହେରାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ରାତିରେ ୨ଜଣ ସୁରକ୍ଷାକର୍ମୀଙ୍କୁ ସେମିଲିଗୁଡା ବସଷ୍ଟାଣ୍ଡରେ ମୁତୟନ କରିବା, ରାତ୍ରକାଳୀନ ପାଟ୍ରୋଲିଂ କରାଯିବାକୁ ସେମାନେ ଦାବି କରିଛନ୍ତି। ବ୍ୟବସାୟୀମାନଙ୍କ ଦାବିକୁ ଗୁରୁତର ସହ ନେବେ ବୋଲି ଥାନା ଅଧିକାରୀ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।

### ଆଲୁମ୍ନି ଆସୋସିଏଶନ କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୧୭।୪(ନି.ପ୍ର.)- ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏଶନର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର କଲେଜ ଅଧକ୍ଷଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ବୈଠକରେ ଅଧକ୍ଷ ତଥା ଆସୋସିଏଶନର ଏକ୍ସ ଅଫିସିଓ ସଭାପତି ଗୋପାଳ ହାଲଦାର ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିଜୟ ରାୟଜେନା ଦେଓ ଗତ ବୈଠକର ବିବରଣୀ ଉପସ୍ଥାପନ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବିଭିନ୍ନ କମିଟି ସମ୍ପର୍କରେ ଆଲୋଚନା କରାଯିବା ସହ ପଞ୍ଜୀକରଣ ଏବଂ ସଦସ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପଦେଷ୍ଟା ଆର.ଏନ.ପଟ୍ଟନାୟକ, କେଦାରନାଥ ବେହେରା, ରବି ନାରାୟଣ ନନ୍ଦ, କାର୍ଯ୍ୟକାରିଣୀ ସଦସ୍ୟ ତାପସୀ ପାତ୍ର, ରାଜେନ୍ଦ୍ର ଗୌଡ଼, ସନ୍ତୋଷ ସାହୁ, କାଳୀ ପଟ୍ଟନାୟକ, ଶଙ୍କର ପ୍ରହରାଜ ଏବଂ ସଦସ୍ୟ ସଞ୍ଜୟ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ ।

### ଶାବରୀ ସୁକନ୍ୟା ସମ୍ମାନ ଉତ୍ସବ

#### ଅଂଶଗ୍ରହଣ କରିଥିଲେ କୋୟା, ଡଙ୍ଗରିଆ କନ୍ଧ, ପରଜା, ଦୁରୁଆ ସହ ଭୂମିଆ ସମ୍ପ୍ରଦାୟର କନ୍ୟା

ଜୟପୁର,୧୭।୪ (ନି.ପ୍ର.)- ଜିଲା ସଂସ୍କୃତି ପରିଷଦ କୋରାପୁଟ, ତରୁଣ ପ୍ରଜ୍ଞା ଭାରତୀ ଜୟପୁର, ଆଦିବାସୀ ସଂସ୍କୃତି ଗବେଷଣା କେନ୍ଦ୍ର(ଜଗନ୍ନାଥ ମନ୍ଦିର)କୋରାପୁଟ, ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟସ) ଏବଂ ଆଦିବାସୀ ସଂଗ୍ରହାଳୟର ମିଳିତ ଆନୁକୂଲ୍ୟରେ ଶାବରୀ ସୁକନ୍ୟା ସମ୍ମାନ-୨୦୨୨ ପାଳିତ ହୋଇଛି। ଆଦିବାସୀ ସଂଗ୍ରହାଳୟ ପରିସରରେ ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀ କନ୍ୟାମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କୋୟା,ଡଙ୍ଗରିଆ କନ୍ଧ, ପରଜା, ଦୁରୁଆ ଓ ଭୂମିଆ ସମ୍ପ୍ରଦାୟର କନ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଉତ୍ତମ ପ୍ରଦର୍ଶନ କରିଥିବା କନ୍ୟାମାନଙ୍କୁ ଶାବରୀ ସୁକନ୍ୟା ସମ୍ମାନ- ୨୦୨୨ ପ୍ରଦାନ କରାଯାଇଥିଲା। ଆଦିବାସୀ ଗବେଷଣା ପରିଷଦ ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଏବଂ ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଆଦିବାସୀ ସଂଗ୍ରହାଳୟର ନିର୍ଦ୍ଦେଶକ ଡ.ଜଗବନ୍ଧୁ ସାମଲ, ଜୟପୁର ତରୁଣ ପ୍ରଜ୍ଞା ଭାରତୀର ସଭାପତି ଡ.ଗଙ୍ଗାଧର ନନ୍ଦ, ଗବେଷକ ଉମାକାନ୍ତ ଦାଶ ଯୋଗ ଦେଇ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ବେଶ ପୋଷାକ, ଭାଷା, ସାଂସ୍କୃତିକ ସ୍ୱତନ୍ତ୍ରତା ଉପରେ ଆଲୋକପାତ କରିଥିଲେ। ତରୁଣ ପ୍ରଜ୍ଞା ଭାରତୀର ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ଚାନ୍ଦିନୀ ନିଶା ବେଗମ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପରେ ଆଦିବାସୀ କନ୍ୟାମାନେ ନୃତ୍ୟ ପରିବେଷଣ କରିଥିଲେ। ବିଚାରକ ଭାବେ ଡ.ରାଜେନ୍ଦ୍ର ପାଢ଼ୀ, ଜଗନ୍ନାଥ ରଥ, ପ୍ରଫୁଲ୍ଲ ପାଢୀ, କୁଳମଣି ଜେନା ଉପସ୍ଥିତ ଥିଲେ। ଅଧାପକ ରବି ଶତପଥୀ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟିକ ନାରାୟଣ ପଣ୍ଡା, ଡ.ପ୍ରୀତିଧାରା ସାମଲ, ତରୁଣ ପ୍ରଜ୍ଞା ଭାରତୀର ଉପସଭାପତି ମୀନକେତନ ଦାଶ, କାର୍ଯ୍ୟକାରିଣୀ ସଭ୍ୟ ପ୍ରମୋଦ ରାଉଳ, ସାବିତ୍ରୀ ବେହେରା,ସବିତା ତ୍ରିପାଠୀ, ସୁବର୍ଣ୍ଣ କୁମାରୀ ଖିଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସମସ୍ୟା ଘେରରେ ଡାଳଖାଇ ଓଡିଆରପି କଲୋନୀ

**ରମ୍ଭା,୧୭।୪**

ରମ୍ଭା ଥାନା ଇଲାକା ଗଞ୍ଜାମ ବ୍ଲକ ରାମଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡାଳଖାଇ ଓଡିଆରପି କଲୋନୀ ବହୁବିଧ ସୁବିଧା ସୁଯୋଗରୁ ବଞ୍ଚିତ। ସମସ୍ୟା ଘେରରେ ଉବୁଟୁବୁ ହେଉଥିଲେ ମଧ୍ୟ ପ୍ରଶାସନର ଅଣଦେଖା ମନୋଭାବ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବାରେ ଲାଗିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଓ ବିଦ୍ୟୁତ୍ ସମେତ ମୌଳିକ ସମସ୍ୟାରୁ କାଣିଚାଏ ସଫଳତା ପାଇପାରୁ ନ ଥିବା ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ହୋଇଛି। ଏପରିକି ହରିଜନ ସମ୍ପ୍ରଦାୟ ଓ ବାତ୍ୟା ଆଶ୍ରୟସ୍ଥଳୀ ବାସିନ୍ଦାମାନଙ୍କୁ ତଦୂର୍ଦ୍ଧ୍ୱ ପରିମାଣର ଯୋଜନା କରାଯାଇଛି, କିନ୍ତୁ ଯୋଜନା ଅପହଞ୍ଚ ହୋଇ ରହିଯାଇଛି। ପ୍ରାୟ ଏକ କୋଟି ଟଙ୍କାର ଶିକ୍ଷାନୁଷ୍ଠାନ ଗୃହ ବନାଯାଇଛି କିନ୍ତୁ କେନ୍ଦ୍ର ନାହିଁ।


ଓଡିଆରପି କଲୋନୀ।

ଯଦ୍ୱାରା ୭ କିଲୋମିଟର ପ୍ରତ୍ୟହ କୋମଳମତି ଛାତ୍ରୀଛାତ୍ରମାନେ ଚାଲି ଚାଲି ଯାଇ ଶିକ୍ଷା ଗ୍ରହଣ କରିବା ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମହଲରେ ଆଲୋଡନ ସୃଷ୍ଟି କରିଛି। ତେବେ ଉପରୋକ୍ତ ସମସ୍ୟାକୁ ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡୁଥିବା ଖବର ମିଳିଛି।

# ଝୁଲଣଯାତ୍ରା ଉଦ୍‌ଯାପିତ

**ପାରଳାଖେମୁଣ୍ଡି,୧୭।୪(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସହରର କରଣ ସାହିର ସାନରାଧାକାନ୍ତ ମଠରେ ଗତ ୬ଦିନ ବ୍ୟାପି ଚାଲିଥିବା ମଲ୍ଲୀ ଝୁଲଣ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମଠର ମହନ୍ତ ମନଦନ ଗୋପାଳ ଦାସ ମହରାଜ ପ୍ରଥମେ ଶଙ୍ଖଧ୍ୱନୀ ଦେଇ ପ୍ରାରମ୍ଭ କରିଥିଲେ। ପରେ ମଙ୍ଗଳ ଆରତୀ, ଭଜନ, ସଂକୀର୍ତ୍ତନ, ଦାସକାଠିଆ ଆଦି ପରିବେଷଣ ହୋଇଥିଲା। ରାଧାକୃଷ୍ଣ ଯୁଗଳ ମୂର୍ତ୍ତୀକୁ ଦୋଳ ମେଲାଣରେ ସଂପୂର୍ଣ୍ଣ ମଲ୍ଲୀକା ପୁଷ୍ପରେ ସାଜ ସଜ୍ଜା କରାଯାଇ ଦୋଳିକୁ ଝୁଲାଇ ଦିଆଯାଇଥିଲା। ଏହି ଚୈତ୍ର ଶୁକ୍ଳପକ୍ଷ ପୂର୍ଣ୍ଣିମାରେ ସଂକୀର୍ତ୍ତନକୁ ଗୁରୁ ରମେଶ ଚନ୍ଦ୍ର ପଟ୍ଟନାୟକ, ରବିନାରାୟଣ ଚୌଧୁରୀ, ଜସମିନ ଗମାଙ୍ଗ, ବୀରକିଶୋର ପଟ୍ଟନନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଗଞ୍ଜାମ ଜିଲାରୁ ଆସିଥିବା ଦାସ କାଠିଆ ନାଚ ଲଳିତ ମୋହନା ଦାଶ ଅଦ୍ଭୁଦ ନୃତ୍ୟ ଗୀତ ସହ ମନୋରଞ୍ଜନ କରିଥିଲେ। ଶେଷରେ ଭଗବାନଙ୍କ ପ୍ରସାଦ ରାମନାଥ ସାହୁଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି ଝୁଲଣ ଯାତ୍ରାକୁ ମଧୁସୁଦନ ଏବଂ ସେବକ ନାରାୟଣ ବାବୁ ପ୍ରମୁଖ ପରିଚାଳନା କରିଥିଲେ। ପାରଳା ସହରରେ ଏକ ମାତ୍ର ଝୁଲଣ ଯାତ୍ରା ହୋଇଥିବା ଯୋଗୁ ଏହି ଯାତ୍ରା ଦେଖିବାପାଇଁ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା।



# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବୁଗୁଡ଼ା,୧୭।୪(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକର ମାଣିତରା ଗ୍ରାମସ୍ଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କ ନିମନ୍ତେ ଆୟୋଜିତ ହୋଇଆସୁଥିବା ଆତ୍ମରକ୍ଷା ତାଲିମ ଶିବିରର ଉଦ୍‌ଯାପନୀ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷ ଅନୁପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଦୁର୍ଗା ପ୍ରସାଦ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବନପାଳ ସରସ୍ୱତୀ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅଧାପକ ପ୍ରିୟବ୍ରତ ପ୍ରଧାନ ଓ ଅଧାପିକା ପ୍ରଜ୍ଞା ପାରମିତା ସାହୁ, ପ୍ରୋଗ୍ରାମ୍ ଅଧିକାରୀ ସୁଚିତ୍ରା ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ଗ୍ରହଣର ଉପଯୋଗିତା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ଅଷ୍ଟ ଦିବସୀୟ ତାଲିମ ଶିବିରରେ ୭୪ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର୍ ଦିବ୍ୟାନୀ ସାହୁ ଓ ପୂଜାରାଣୀ ପ୍ରଧାନ ପ୍ରମୁଖ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧାପକ ଦିଲୀପ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧାପକ ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁବାବୁଙ୍କ ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି


ଆସିକା


ଦିଗପହଣ୍ଡି


ପୁରୁଷୋତ୍ତମପୁର


କାଶୀନଗର


ଆର. ଉଦୟଗିରି


ପାରଳାଖେମୁଣ୍ଡି


ଶେରଗଡ


ଛତ୍ରପୁର


ଜି . ଉଦୟଗିରି


ସୋରଡା

**ଛତ୍ରପୁର,୧୭।୪(ଡି.ଏନ୍.ଏ.)**

ଛତ୍ରପୁର ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଲାଇନ ବନ୍ଧରେ ତିଳତର୍ପଣ, ଗୌରୀଶଙ୍କର ମନ୍ଦିରଠାରେ ଦୀପଦାନ କରାଯାଇଥିଲା। ପରେ ଲୋୟର ବସ୍‌ଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଛତ୍ରପୁର ଏନ୍‌ଏସି ବିଜେଡି ସଭାପତି ବି.ରାଜୁ ବାବୁଙ୍କ ଅଧକ୍ଷତାରେ ରିଡିଂ ରୁମରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ଚୌଧୁରୀ, ଜିଲା ପରିଷଦ ସଭ୍ୟ ଏମ୍. ଧନଞ୍ଜୟ ରେଡ୍ଡୀ, ରଶ୍ମିତା ନାହାକ, ସୁରଥ ପ୍ରଧାନ, ପ୍ରବାସୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଆସିକା:** ଆସିକା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ସକାଳେ ବାରୁଣୀଘାଟଠାରେ ତିଳତର୍ପଣ ପରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜେଡି କାର୍ଯ୍ୟାଳୟଠାରେ ସ୍ମୃତିଚାରଣ ସଭା ହୋଇଥିଲା। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିନେତା ସ୍ୱାଇଁ, ଜୟନ୍ତୀ ବିଷୋୟୀ, ସତ୍ୟନାରାୟଣ ସ୍ୱାଇଁ, ଶିବ ନାହାକ, ଭଗବାନ ସାହୁ, ଅନିଲ କୁମାର ନାୟକ, ଜିଲାପରିଷଦ ସଦସ୍ୟ ମନୋଜ ଦୋରାଙ୍କ ସମେତ ବିଭିନ୍ନ ପଞ୍ଚାୟତ ଓ ଏନ୍‌ଏସିର ବହୁ ନିର୍ବାଚିତ ପ୍ରତିନିଧି ସାମିଲ ଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ବିଜେଡି ପକ୍ଷରୁ ଘୋଡାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାଗୃହଠାରେ ବିଜୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ବ୍ଲକ ଅଧକ୍ଷା ସୁନୀତା ସେଠୀ, ବିଜେଡି ଜିଲା କମିଟି ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଯୁବ ବିଜେଡି ଜିଲା କମିଟି ଉପସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଣ୍ଡୁଡ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସରପଞ୍ଚ ରଞ୍ଜନ କୁମାର ସାହୁ, ଫନୀନ୍ଦ୍ର ଗୋସ୍ୱାମୀ, ବିଜୟ ପ୍ରଧାନ, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ପ୍ରଶାନ୍ତ ପ୍ରଧାନ, ସମୀର ସ୍ୱାଇଁ, ସରୋଜ ଜେନା, ଉମା ବିଷୋୟୀ, ସମିତି ସଭ୍ୟ ରମେଶ ଚନ୍ଦ୍ର ପାଢ଼ୀ, ଶିବରାମ ମହାନ୍ତି, ଲଡୁ ପାତ୍ର, ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ଏନ୍‌ଏସି ପକ୍ଷରୁ ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରଥସାହି ଜଗନ୍ନାଥ ମନ୍ଦିର ପରିସରରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଉପାଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନ୍‌ସିଲର ଭାସ୍କର ବେହେରା, ଲିଙ୍ଗରାଜ ବେହେରା, ଅରୁଣ କୁମାର ମହାଣ୍ଡୁଡ, ପୂର୍ବତନ କାଉନସିଲର ନକୁଳ ସାହୁ, ସନ୍ତୋଷ କୁମାର ପଣ୍ଡା, ଶିକ୍ଷାବିତ୍ କାହ୍ନୁ ଚରଣ ତ୍ରିପାଠୀ ଯୋଗ ଦେଇଥିଲେ।

**ଶେରଗଡ:** ଶେରଗଡ଼ ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ଉପାଧକ୍ଷା ସୁଧାସ୍ମିତା ପଟ୍ଟନାୟକ, ବରିଷ୍ଠ ନେତା ହୃଷୀକେଶ ପାଢ଼ୀ, ହୀନ ବେହେରା, ଚିତ୍ତରଞ୍ଜନ ପାଣିଗ୍ରାହୀ, ସମୀର ପ୍ରଧାନ, ଦୁର୍ଗାପ୍ରସାଦ ବିଷୋୟୀ, ବିପିନ ବିହାରୀ ପାତ୍ର, ବାସୁଦେବ ସ୍ୱାଇଁ, ଦିଗାମ୍ବର ନାହାକ, ସୀମାଞ୍ଚଳ ପ୍ରଧାନ, ବିଶ୍ୱନାଥ ସ୍ୱାଇଁ, ରାଜେନ୍ଦ୍ର ସେଠୀ, ରାଜେଶ ଜେନା, ରାମକୃଷ୍ଣ ପଲେଇ ପ୍ରମୁଖ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁରେ ବିଜେଡି ନଗର ସଭାପତି ଭୀମସେନ ବେହେରାଙ୍କ ଅଧକ୍ଷତାରେ ଦଳୀୟ ନେତା ଓ କର୍ମୀମାନେ ପୂର୍ବାହ୍ଣରେ ଘୋଡ଼ାହାଡ଼ରେ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିଥିଲେ। ସେଠାରୁ ଶୋଭାଯାତ୍ରାରେ ଯାଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସାମାଜିକ କାର୍ଯ୍ୟ ନିମନ୍ତେ ସଙ୍କଳ୍ପ ନେଇଥିଲେ। ସଂଧ୍ୟାରେ କନକ ଦୁର୍ଗା କଲ୍ୟାଣମଣ୍ଡପ ପରିସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ହିଞ୍ଜିଳିକାଟୁ ବ୍ଲକ, ପୌରାଞ୍ଚଳ ଓ ଶେରଗଡ଼ ବ୍ଲକର ବିଜେଡି ନେତା ଓ କର୍ମୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀ, ପୌରପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ, ବ୍ଲକ ସଭାପତି ସୁରେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ନାୟକ, ସୁବାସ ମହାରଣା, ପବିତ୍ର ପାଣିଗ୍ରାହୀ, ପିଣ୍ଟୁ ପଟ୍ଟନାୟକ, ଶରତ ପାତ୍ର, ସଞ୍ଜୟ ପଣ୍ଡା, ନୀଳମଣି ପଟ୍ଟନାୟକଙ୍କ ସମେତ ବହୁ ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଦସ୍ୟ, ପୌର ପରିଷଦ କାଉନ୍‌ସିଲର ପ୍ରମୁଖ ଯୋଗଦେଇଥିଲେ।

**ସୋରଡ଼ା:** ସୋରଡ଼ାରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅଧକ୍ଷ ଶିବଶଙ୍କର ପଣ୍ଡାଙ୍କ ସମେତ ଦଳୀୟ କର୍ମୀମାନେ ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସକାଳୁ ବୃଦ୍ଧଲିଙ୍ଗେଶ୍ୱର ମନ୍ଦିର ନିକଟ ଋଷିକୂଲ୍ୟା, ଜରଉ ନଦୀ ସଂଗମ ସ୍ଥଳରେ ତିଳ ତର୍ପଣ କରାଯାଇଥିଲା। ପରେ ପ୍ରଭାତଫେରି, ଗଣିଛକସ୍ଥିତ ବିଜୁବାବୁଙ୍କ ମୂର୍ତ୍ତିରେ ପୁଷ୍ପାର୍ପଣ, ସାମୂହିକ ସଫେଇ ଅଭିଯାନ ଓ ଦୀପଦାନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ବସନ୍ତ ସ୍ୱାଇଁଙ୍କ ସମେତ ସରପଞ୍ଚ, ଜିଲା ପରିଷଦମାନେ ଯୋଗ ଦେଇଥିଲେ।

**କୁକୁଡାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ବିଜେଡି ସଭାପତି ସନ୍ତୋଷ କୁମାର ଚୌଧୁରୀଙ୍କ ଅଧକ୍ଷତାରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲକ ସଭାପତି ସନ୍ତୋଷ ଚୌଧୁରୀ, ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକ କୈଳାଶ ରଣା, ସମିତି ସଭ୍ୟ ସାରଥି ପ୍ରସାଦ ଗୌଡ, ଗଞ୍ଜାମ ଜିଲା ଭିନ୍ନକ୍ଷମ ନେତା କେ.ମଣିବାବୁ, ୮ନଂ ଜିଲାପରିଷଦ ସଭ୍ୟା ଶିବାନୀ ସେଠୀ, ପୂର୍ବତନ ବ୍ଲକ ସଭାପତି ଏଲ୍.ପୁରୁଷୋତ୍ତମ ପାତ୍ର, ବ୍ଲକ ଉପାଧକ୍ଷ ବିଷ୍ଣୁପ୍ରିୟା ପାତ୍ର, ଉପ ସଭାପତି ରବୀନ୍ଦ୍ର ମହାରଣା, ରୋହିଗାଁ ସରପଞ୍ଚ ବଶିଷ୍ଠ କୁମାର ଜେନା, ଲାଠି ସରପଞ୍ଚ ରାଧାମୋହନ ସେଠୀ, କୁକୁଡାଖଣ୍ଡି ସରପଞ୍ଚ ଇଂ ବନ୍ଦନା ସେଠୀ, ୮ ନମ୍ବର ସଂଯୋଜକ ନିରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

**ବୁଗୁଡା:** ବୁଗୁଡା ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଏନ୍‌ଏସି ଚେୟାରମ୍ୟାନ୍ ଚିତ୍ରସେନ ପ୍ରଧାନ, ଭାଇସ୍ ଚେୟାରମ୍ୟାନ୍ ଗୀତାଞ୍ଜଳି ପାଢ଼ୀ, ମଦନଗୋପାଳ ଦୋରା, ସୁଧାଂଶୁ ଶେଖର ପାଢ଼ୀ, ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ ଓ ଲୋକ ପ୍ରତିନିଧି ଉପସ୍ଥିତ ରହି ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

**ଗଞ୍ଜାମ:** ଗଞ୍ଜାମ ସହରସ୍ଥିତ ସାମନ୍ତରାସାହିରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସୁଧୀର କୁମାର ପାଢ଼ୀଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସୁରେନ୍ଦ୍ର କୁମାର ବାରିକି, ନଗର ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଦଣ୍ଡପାଣି ପରିଡ଼ା, ପି. ମୋହନ ରେଡ୍ଡୀ, ସୁଜାତା ମହାନ୍ତି, ମହାଲକ୍ଷ୍ମୀ ନାୟକ, ସବିତା ବେହେରା, ରିତାଦେବୀ ମହାରଣା, ମଣ୍ଟୁ ରାଉଳ, ମନୋଜ ପ୍ରଧାନ, ମୁନା ପରିଡ଼ା, ବିଭୁ ପଲାଇ, ରାମ ନାହାକ, ଗୋବିନ୍ଦ ଗୌଡ, ବିଭୂତି ପଲାଇ, ସାଧୁ ଗୌଡ, ଅରୁଣ ଗୌଡ ଓ ଗଣେଶ ମହାରଣା ପ୍ରମୁଖ ସାମିଲ ଥିଲେ।

**ପାରଳାଖେମୁଣ୍ଡି:** ଗଜପତି ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲାପରିଷଦ ଅଧକ୍ଷ ଜି.ତିରୁପତି ରାଓ, ମ୍ୟୁନିସିପାଲଟି ଅଧକ୍ଷା ନିର୍ମଳା ସେଠୀ, ଯୁବ ନେତା ରୁପେଶ ପାଣିଗ୍ରାହୀ, ଏସ୍.ଲିଙ୍ଗରାଜ, ବିଭିନ୍ନ ବ୍ଲକର ଅଧକ୍ଷ ଅଧକ୍ଷା, ବିଜେଡି କାଉନସିଲର ଓ ବହୁ ବରିଷ୍ଠ ନେତୃବୃନ୍ଦ ସଫେଇ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ କାଶୀନଗରଠାରେ ଆୟୋଜିତ ରକ୍ତଦାନ ଶିବିରରେ ବହୁ କର୍ମୀ ଯୋଗ ଦେଇଥିଲେ। ଅପରାହ୍ଣରେ ଜିଲା ବିଜେଡି କାର୍ଯ୍ୟାଳୟରେ ବିଜୁପଟ୍ଟନାୟକଙ୍କ ସ୍ମୃତିସଭା ସହ ସନ୍ଧ୍ୟାରେ ଦୀପଦାନ କାର୍ଯ୍ୟକ୍ରମ କରାଯାଇଛି।

**କାଶୀନଗର:** କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଜୁବାବୁଙ୍କ ତିରୋଧାନ ଦିବସରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା ପରିଷଦ ଅଧକ୍ଷ ଏ. ତିରୁପତି ରାଓ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ରଘୁରାମ ସାହୁ, ଏନ୍‌ଏସି ଅଧକ୍ଷା ଏମ୍. ସୁଧାରାଣୀ, ଯୁବ ସଭାପତି ରାଜେଶ ମିଶଲ, ପ୍ରଦୀପ ନାୟକ, ରୂପେଶ ପାଣିଗ୍ରାହୀ, ଏମ୍. ପ୍ରବୀଣ କୁମାର, କେ. ରାମାରାଓ, ବ୍ଲକ ଅଧକ୍ଷା ଏନ୍. ସାୟାମାଙ୍କ ଯୋଗ ଦେଇଥିଲେ। ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

**ଆର.ଉଦୟଗିରି:** ଆର. ଉଦୟଗିରିରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ରାୟଗଡ଼, ନୂଆଗଡ଼ ଓ ଆର. ଉଦୟଗିରି ବିଜେଡିର ସମସ୍ତ ନେତା ଓ କର୍ମୀ ପ୍ରଥମେ ସ୍ଥାନୀୟ କୋର୍ଟ ପରିସରରେ ସଫେଇ କରିଥିଲେ। ପରେ ସ୍ଥାନୀୟ ରାଜସ୍ୱ ଡାକ ବଙ୍ଗଳାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲା ଏସ୍‌ଡିସି ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ ସଭାପତିତ୍ୱ କରିଥିଲେ। ଏମ୍‌ପି ପ୍ରତିନିଧି ଜଗବନ୍ଧୁ ଦାସ, ପୂର୍ଣ୍ଣବାସୀ ନାୟକ, ଲକ୍ଷ୍ମୀ ନାରାୟଣ ଶବର, ବିଜୟଲକ୍ଷ୍ମୀ ପଟ୍ଟନାୟକ, ପୀତାମ୍ବର ନାୟକ, ଗୌତମୀ ଜାନି, ଯମୁନା ଦଳ ବେହେରା, ଆର.ବିଜୟଲକ୍ଷ୍ମୀ, ରାୟଗଡ଼ା ବ୍ଲକର ବିଜେଡି ସଭାପତି ସୀମା ମଲିକ, କିଶୋର ପ୍ରଧାନ ପ୍ରମୁଖ ୫୦୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ଥିଲେ।

**ଜି.ଉଦୟଗିରି:** କନ୍ଧମାଳ ଜିଲା ଜି.ଉଦୟଗିରିରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସାଲୁଗା ପ୍ରଧାନ, ସ୍ଥାନୀୟ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ ଓ ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର, ରାଇକିଆ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ବ୍ଲକ ଅଧକ୍ଷ ଦିଲୀପ କହଁର, ଲିଙ୍ଗରାଜ କହଁର, ଗୋପାଳ ମହାପାତ୍ର, ସାଧବାଣୀ ନାୟକ ମଞ୍ଚାସୀନ ଥିଲେ। ସ୍ଥାନୀୟ ଜିଲା ପରିଷଦ ଲିଳିମା ପ୍ରଧାନ, ସ୍ଥାନୀୟ ବ୍ଲକ ଉପାଧକ୍ଷ ଏନ୍. ଲୁକ୍, ସନ୍ତୋଷ ବାଘ, ଟିକାବାଲି ବ୍ଲକ ଉପାଧକ୍ଷା ପ୍ରସ୍ମିତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

